କେବଳ ଇ-ସଂସ୍କରଣ
(ଓଡ଼ିଆ)

# ସି.ସି.ଆର୍.ଏ.ଏସ୍. ବୁଲେଟିନ୍

କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ
ଆୟୁଷ ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ

ଜାନୁଆରୀ - ମାର୍ଚ୍ଚ 2026 | ଭାଗ – III | ସଂଖ୍ୟା- I | https://ccras.nic.in/ccras-bulletin/

ସମ୍ପାଦକମଣ୍ଡଳୀ

**ମୁଖ୍ୟ ସମ୍ପାଦକ**
ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ
ମହାନିର୍ଦ୍ଦେଶକ, ସି.ସି.ଆର.ଏ.ଏସ., ନୂଆଦିଲ୍ଲୀ

**ଉପ ମୁଖ୍ୟ ସମ୍ପାଦକ**
ଡଃ ନାରାୟଣମ୍ ଶ୍ରୀକାନ୍ତ
ଉପ ମହାନିର୍ଦ୍ଦେଶକ, ସିସିଆରଏଏସ, ନୂଆଦିଲ୍ଲୀ

**କାର୍ଯ୍ୟନିର୍ବାହୀ ସମ୍ପାଦକ**
ଶ୍ରୀଯୁକ୍ତ ନୌଶାଦ ଅହମ୍ମଦ
(ପାଠାଗାର ଓ ସୂଚନା ଅଧିକାରୀ ଏବଂ ପ୍ରକାଶନ ଓ ଗଣମାଧ୍ୟମ ପ୍ରସାର ପ୍ରଭାରୀ)

**ସହଯୋଗୀ ସମ୍ପାଦକଗଣ**
ଡଃ ଏ. କେ. ମୀନା, ସହକାରୀ ନିର୍ଦ୍ଦେଶକ (ରସାୟନ ବିଜ୍ଞାନ)
ଡଃ ରେଣୁ ସିଂ, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ରାକେଶ ନାରାୟଣନ୍, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ଦୀପକ ଲାମ୍ବା, ଅନୁସନ୍ଧାନ ଅଧିକାରୀ (ଭେଷଜ ବିଜ୍ଞାନ / ଫାର୍ମାକୋଲୋଜି)
ଡଃ ଧୀରଜ ସିଂ ରାଜପୁତ, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ଏମି ଏସ୍. ସୁରେନ୍ଦ୍ରନ୍, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ଅରବିନ୍ଦ କୁମାର, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ନୀତୁ କେଶବନ୍, ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ଆଶିମା ଜୈନ, ଅନୁସନ୍ଧାନ ଅଧିକାରୀ (ରୋଗ ନିଦାନ ବିଜ୍ଞାନ / ପାଥୋଲୋଜି)
ଡଃ ଲିଜିମା ସି., ଅନୁସନ୍ଧାନ ଅଧିକାରୀ (ଆୟୁର୍ବେଦ)
ଡଃ ଯଶପାଲ ଭରଦ୍ୱାଜ, ଅନୁସନ୍ଧାନ ଅଧିକାରୀ (ଉଦ୍ଭିଦ ବିଜ୍ଞାନ)
ଶ୍ରୀଯୁକ୍ତ କମଲେଶ୍ୱର ସିଂ, ସହକାରୀ ଅନୁସନ୍ଧାନ ଅଧିକାରୀ (ଉଦ୍ଭିଦ ବିଜ୍ଞାନ)
କୁମାରୀ ପ୍ରୀତି ଶର୍ମା, ସହକାରୀ ଅନୁସନ୍ଧାନ ଅଧିକାରୀ (ରସାୟନ ବିଜ୍ଞାନ)

**ଅଞ୍ଚଳିକ ଭାଷା ସମ୍ପାଦକମାନେ**

ଆସାମିୟା
ଡା. ଜେଉତି ରାଣୀ ଦାସ, ଆର୍.ଓ., ସି.ଏ.ଆର୍.ଆଇ., ଗୁୱାହାଟି

କନ୍ନଡ଼
ଡା. ଭାଭ୍ୟା ବି.ଏମ୍, ଆର୍.ଓ., ସି.ଏ.ଆର୍.ଆଇ., ବେଙ୍ଗାଲୁରୁ

ପଞ୍ଜାବୀ
ଡା. ହରବନ୍ସ ସିଂହ, ଆର୍.ଓ., ଇନ୍-ଚାର୍ଜ, ଆର୍.ଏ.ଆର୍.ଆଇ., ଜମ୍ମୁ

ଉର୍ଦ୍ଦୁ
ଡା. ଆଶଫାକ୍ ଆହମଦ, ଆର୍.ଓ., ଏନ୍.ଆଇ.ଆଇ.ଏମ୍.ଏଚ୍., ହାଇଦ୍ରାବାଦ

ମାଲାୟାଲମ୍
ଡା. ଭି.ସି. ଦୀପ୍, ଏ.ଡି., ଏନ୍.ଏ.ଆର୍.ଆଇ.ପି., ଚେରୁଥୁରୁଥି

ତାମିଲ
ଶ୍ରୀ ସି. ପ୍ରେମ କୁମାର, ଏ.ଆର୍.ଓ., ସି.ଏସ୍.ଏମ୍.ସି.ଏ.ଆର୍.ଆଇ., ଚେନ୍ନାଇଚେନ୍ନାଇ

ଗୁଜରାଟୀ
ଡା. ସୋଜିତ୍ରା ନିରାଲ, ଆର୍.ଓ., ଆର୍.ଏ.ଆର୍.ଆଇ., ଆହମଦାବାଦ

ମରାଠୀ
ଡା. ରସିକା କୋଲହେ, ଆର୍.ଓ., ଆର୍.ଏ.ଆର୍.ଆଇ., ପୁଣେ

ବଙ୍ଗାଳୀ
ଡା. ସ୍ରେୟା ଦୁତ୍ତା, ଆର୍.ଓ., ସି.ଏ.ଆର୍.ଆଇ., କୋଲକାତା

ହିନ୍ଦୀ
ଡା. ଭି.କେ. ଲବାନିୟା, ଆର୍.ଓ., ସି.ସି.ଆର୍.ଏ.ଏସ୍. ଏଚ୍. କ୍ୟୁ., ଦିଲ୍ଲୀ

ଓଡ଼ିଆ
ଡା. ବନମାଳୀ ଦାସ, ଆର୍.ଓ., ସି.ଏ.ଆର୍.ଆଇ., ଭୁବନେଶ୍ୱର

ତେଲୁଗୁ
ଡା. ଶ୍ରୀଦେବୀ ୱେନିଗାଲା, ଆର୍.ଓ., ଏନ୍.ଆଇ.ଆଇ.ଏମ୍.ଏଚ୍., ହାଇଦ୍ରାବାଦ

**ବୈଷୟିକ ସହାୟତା**
ଡଃ ତାନିଆ ରାୟ, ବୈଜ୍ଞାନିକ ଲେଖିକା

**ଗ୍ରାଫିକ୍ ଡିଜାଇନର୍**
ମହମ୍ମଦ ହାରୁନ୍ ଅନସାରୀ, ଗ୍ରାଫିକ୍ ଡିଜାଇନର୍

## ଏହି ପତ୍ରର ବିଷୟବସ୍ତୁ

| ସମ୍ପାଦକୀୟ ବାର୍ତ୍ତା | ପୃଷ୍ଠସଂଖ୍ୟା. |
|---|---|
| ଆୟୁର୍ବେଦର ପ୍ରାୟୋଗିକ ସାମର୍ଥ୍ୟ, ଆଧୁନିକ ଦୃଷ୍ଟିକୋଣରୁ ସମାୟୋପଯୋଗୀ - ସି.ସି.ଆର.ଏ.ଏସ ବୁଲେଟିନ ମାଧ୍ୟମରେ ଏହା ହିଁ ପ୍ରଦର୍ଶିତ। | 1 |
| **ଚିକିତ୍ସୀୟ ଗବେଷଣା** | |
| ବ୍ୟାକ୍ଟେରିଆଲ୍ ଭାଜିନୋସିସ୍‌ର ପରିଚାଳନାରେ 'ପୁଷ୍ୟାନୁଗ ଚୂର୍ଣ୍ଣ'ର ଆଶାଜନକ ଚିକିତ୍ସୀୟ ଫଳାଫଳ | 3 |
| ଛୋଟ ପଦକ୍ଷେପ, ବଡ଼ ପରିବର୍ତ୍ତନ: ଗ୍ୱାଲିଅର୍‌ର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଅଭ୍ୟାସରେ ଉନ୍ନତି | 3 |
| ଚିକିତ୍ସୀୟ ସମ୍ମତି: ସୁରକ୍ଷିତ ଓ ମାନକୀକୃତ 'ମର୍ଶ ନସ୍ୟ' ଚିକିତ୍ସା ପାଇଁ ଏକ ଅଭିନବ ମାର୍ଗ | 4 |
| ମାଂସପେଶୀ ଏବମ୍ ଅସ୍ଥି ସମ୍ବନ୍ଧୀୟ ରୋଗ ପାଇଁ ଉପଯୋଗୀ ଆୟୁର୍ବେଦ ଔଷଧ ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ ର ସାମ୍ପ୍ରତିକ ଅଧ୍ୟୟନ, ପ୍ରୟୋଗ ଦୃଷ୍ଟିରୁ ନିରାପଦ ତଥା ଉପଯୋଗୀ | 5 |
| 'ଡିଜିଟାଲ୍ ଆଇ ଫ୍ୟାଟିଗ୍'ର ପରିଚାଳନାରେ ଆୟୁର୍ବେଦର ପ୍ରଭାବଶାଳୀ ଭୂମିକା ଉପରେ ଏକ ଚିକିତ୍ସୀୟ ଅନୁଧ୍ୟାନ | 6 |
| ଏକ ବ୍ୟକ୍ତିଗତ ଅଧ୍ୟୟନରୁ ମିଳିଥିବା ସୂଚନା : ମାଇଗ୍ରେନ୍ (ଅଧକପାଳି) ଯନ୍ତ୍ରଣାରୁ ଦ୍ରୁତ ଉପଶମ ପାଇଁ ଆୟୁର୍ବେଦ 'ଅଗ୍ନିକର୍ମ' ଚିକିତ୍ସାର ପ୍ରାୟୋଗିକ ସଫଳତା | 7 |
| **ସ୍ୱାସ୍ଥ୍ୟ ପ୍ରଣାଳୀ ଅନୁସନ୍ଧାନ** | |
| ତାମିଲନାଡୁର ଜନଜାତି ସମୁଦାୟଙ୍କ ମଧ୍ୟରେ ଅଣ-ସଂକ୍ରାମକ ରୋଗର ଗୁପ୍ତ ପ୍ରଭାବ ସମ୍ବନ୍ଧରେ ଏକ ଅଧ୍ୟୟନର ଗୁରୁତ୍ୱପୂର୍ଣ୍ଣ ତଥ୍ୟ - | 8 |
| **ଭେଷଜ ବିଜ୍ଞାନ ଏବଂ ଜୈବ ରସାୟନ ଗବେଷଣା** | |
| ଏକ ପ୍ରାକ୍-ଚିକିତ୍ସୀୟ ଅଧ୍ୟୟନ: ଔଷଧ ଜନିତ ବୃକକ୍ (କିଡନୀ) କ୍ଷତିରୁ ସୁରକ୍ଷା ପ୍ରଦାନରେ ଆୟୁର୍ବେଦିକ ଔଷଧ 'ସ୍ୱଦଂଷ୍ଟ୍ରାଦି ଘନ'ର ପ୍ରଭାବଶାଳୀ ଭୂମିକା | 9 |
| ବେଲ ପତ୍ର ନିର୍ଯାସରୁ ପ୍ରସ୍ତୁତ କୋବାଲ୍ଟ ଅକ୍ସାଇଡ୍ ($Co_3O_4$) ନାନୋପାର୍ଟିକଲ୍‌ର ଜୈବିକ ସଂଶ୍ଲେଷଣ: ଜୈବ-ଚିକିତ୍ସା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଏହାର ପ୍ରାୟୋଗିକ ସମ୍ଭାବନା | 10 |
| **ଔଷଧ ଅନୁସନ୍ଧାନ ଏବଂ ଔଷଧୀୟ ବୃକ୍ଷ ସର୍ବେକ୍ଷଣ** | |
| କ୍ୟାନ୍ସର ବା କର୍କଟ, ଫୁଲା ବା ଜଳାପୋଡ଼ା ଏବଂ ଜୀବାଣୁ ନାଶକ ଗବେଷଣାରେ 'ସିସସ୍ କ୍ୱାଡ୍ରାଙ୍ଗୁଲାରିସ୍ ଏଲ୍.' ବା ହାଡ଼ଭଙ୍ଗା ଗଛର ବୈଜ୍ଞାନିକ ଉପଯୋଗିତା ଓ ସମ୍ଭାବନା | 11 |
| ପରିବେଶ ସୁରକ୍ଷାର ଏକ ଅଭିନବ ପଦକ୍ଷେପ: ବିଜା ବା ପିଆଶାଳ ଗଛର ସାରକାଠ ପରିବର୍ତ୍ତେ ଏହାର ଶାଖାରୁ ଔଷଧ ପ୍ରସ୍ତୁତିର ସମ୍ଭାବନା ଉପରେ ଏକ ଗବେଷଣା | 12 |
| ଆରଣ୍ୟକ ଜ୍ଞାନ: କେରଳର ଜନଜାତି ସମୁଦାୟଙ୍କ ସହାୟତାରେ ଦୁର୍ଲଭ ଔଷଧୀୟ ପାଦପ ସମ୍ପଦର ଗୁପ୍ତ ରହସ୍ୟର ଉନ୍ମୋଚନ | 13 |
| କ୍ଷେତ୍ର ବିଶେଷରେ ଭିନ୍ନ ହୁଏ ଔଷଧୀୟ ପ୍ରଭାବ: ହିମାଳୟର ରାଣୀକ୍ଷେତ ଅଞ୍ଚଳରେ ଉତ୍ପାଦିତ 'ପିପ୍ପଳୀ'ର ସର୍ବୋଚ୍ଚ ଗୁଣବତ୍ତାର ବିଶ୍ଳେଷଣ | 14 |
| **ସାହିତ୍ୟିକ ଗବେଷଣା** | |
| ପ୍ରମେହ (ମଧୁମେହ) ର ଆୟୁର୍ବେଦିକ ନିଦାନ କ୍ଷେତ୍ରରେ ବୈଜ୍ଞାନିକ ସଠିକତାର ଉପସ୍ଥାପନ: ସିସିଆରଏଏସ୍ ର ଏକ ଅଭିନବ ପ୍ରକାଶନ "ପ୍ରମେହ ରୋଗ ପରୀକ୍ଷଣ ପାଇଁ ଆୟୁର୍ବେଦିକ ନିଦାନ ପଦ୍ଧତି" | 14 |

# ସମ୍ପାଦକୀୟ ବାର୍ତ୍ତା

## ସି.ସି.ଆର.ଏ.ଏସ ବୁଲେଟିନ ରେ ଏହା ପ୍ରଦର୍ଶିତ ଯେ, ଆୟୁର୍ବେଦର ପ୍ରାୟୋଗିକ ସାମର୍ଥ୍ୟ, ଆଧୁନିକ ଦୃଷ୍ଟିକୋଣରୁ ସମାୟୋପଯୋଗୀ - ।



ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ

ମୁଖ୍ୟ ସମ୍ପାଦକ, ସିସିଆରଏଏସ୍ ବୁଲେଟିନ୍ ମହାନିର୍ଦ୍ଦେଶକ, ସିସିଆରଏଏସ୍

ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ

ସିସିଆରଏଏସ୍ ବୁଲେଟିନ୍ ପରିଷଦର ଗବେଷଣା ପ୍ରସୂତ ପ୍ରାମାଣିକ ଅବଦାନଗୁଡ଼ିକୁ ସର୍ବସାଧାରଣରେ ଉପସ୍ଥାପିତ କରିଥାଏ। ଏହା ଆୟୁର୍ବେଦକୁ ପାରମ୍ପରିକ ଅଭ୍ୟାସରୁ ଊର୍ଦ୍ଧ୍ୱକୁ ନେଇ ଏକ ପ୍ରମାଣ-ଭିତ୍ତିକ ତଥା ଗବେଷଣା-କୈନ୍ଦ୍ରିକ ଚିକିତ୍ସା ବିଜ୍ଞାନରେ ରୂପାନ୍ତରିତ କରିବାର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ଏହି ସଂସ୍କରଣରେ ସନ୍ନିବେଶିତ ଚିକିତ୍ସୀୟ ପରୀକ୍ଷଣ, ଭେଷଜ ଅଧ୍ୟୟନ, ଔଷଧ ଗବେଷଣା, ଜନସ୍ୱାସ୍ଥ୍ୟ ସର୍ବେକ୍ଷଣ ଓ ସାହିତ୍ୟିକ ଗବେଷଣା ଆଦି ଆୟୁର୍ବେଦର ପ୍ରାୟୋଗିକ ଦିଗ ଉପରେ ଆଲୋକପାତ କରୁଛି।

### ଚିକିତ୍ସୀୟ ଗବେଷଣା

#### ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ ଏବଂ ମାନକୀକରଣ

ଏହି ସଂସ୍କରଣର ଏକ ମୌଳିକ ଅବଦାନ ହେଉଛି 'ମର୍ଶ ନସ୍ୟ' କ୍ରିୟା ପାଇଁ ଏକ ଚିକିତ୍ସୀୟ ସର୍ବସମ୍ମତ ମାର୍ଗଦର୍ଶିକାର ବିକାଶ; ଯାହା ନାସାରନ୍ଧ୍ର ଦ୍ୱାରା ଔଷଧୀୟ ତୈଳ ପ୍ରୟୋଗ କରାଯାଉଥିବା ଏକ ପଞ୍ଚକର୍ମ ପଦ୍ଧତି। ଚିକିତ୍ସା କ୍ଷେତ୍ରରେ ସମାନତା ବଜାୟ ରଖିବା, ବିପଦକୁ ହ୍ରାସ କରିବା ଏବଂ ବିଭିନ୍ନ ସ୍ଥାନରେ ଚିକିତ୍ସାର ସଫଳ ପୁନରାବୃତ୍ତିକୁ ସୁନିଶ୍ଚିତ କରିବା ପାଇଁ ଏହି କାର୍ଯ୍ୟବିଧିର ମାନକୀକରଣ ଅତ୍ୟନ୍ତ ଅପରିହାର୍ଯ୍ୟ। ସର୍ବସମ୍ମତି-ଭିତ୍ତିକ ଏହି ରୂପରେଖ, ଆୟୁର୍ବେଦିକ କ୍ରିୟାଗୁଡ଼ିକୁ ମୁଖ୍ୟଧାରାର ଚିକିତ୍ସା ଏବଂ ସମନ୍ୱିତ ସ୍ୱାସ୍ଥ୍ୟସେବା ପ୍ରଣାଳୀରେ ସାମିଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ଚିକିତ୍ସୀୟ ପରୀକ୍ଷଣ : ପ୍ରଭାବଶୀଳତା ଏବଂ ପ୍ରାୟୋଗିକତା

ବ୍ୟାକ୍ଟେରିଆଲ୍ ଭାଜିନୋସିସ୍—ଯାହା ବିଶ୍ୱବ୍ୟାପୀ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ପରିଗଣିତ—ଏହାର ନିୟନ୍ତ୍ରଣ କ୍ଷେତ୍ରରେ 'ପୁଷ୍ୟାନୁଗ ଚୂର୍ଣ୍ଣ'ର ଚିକିତ୍ସୀୟ ପରୀକ୍ଷଣ ଅତ୍ୟନ୍ତ ଆଶାଜନକ ଫଳାଫଳ ପ୍ରଦାନ କରିଛି। ଏହି ଗବେଷଣାଲବ୍ଧ ତଥ୍ୟ ଏକ ସାମଗ୍ରିକ ବିକଳ୍ପ ଚିକିତ୍ସାର ପ୍ରସ୍ତାବ ଦିଏ, ଯାହା ପାରମ୍ପରିକ ଆଣ୍ଟିବାୟୋଟିକ୍ ଉପରେ ନିର୍ଭରଶୀଳତା ଏବଂ ଏହାର ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିବାରେ ସହାୟକ ହେବ। ଏହା ସହିତ ସମ୍ପ୍ରତି ସ୍କ୍ରିନ୍‌ର ଅତ୍ୟଧିକ ବ୍ୟବହାର ଜନିତ 'ଡିଜିଟାଲ୍ ଆଇ ଫାଟିଗ୍' (ଆଖିର ଅବସାଦ) ର ଆୟୁର୍ବେଦିକ ପରିଚାଳନା ଉପରେ ଆଧାରିତ ଏକ ଅଧ୍ୟୟନ ଦର୍ଶାଉଛି ଯେ, ଶାସ୍ତ୍ରୀୟ ପ୍ରୟୋଗଗୁଡ଼ିକ ଆଧୁନିକ ଜୀବନଶୈଳୀ ଜନିତ ଜଟିଳତାକୁ ଦୂର କରିବାରେ ସମ୍ପୂର୍ଣ୍ଣ ସକ୍ଷମ; ଯେଉଁଠାରେ ପ୍ରଚଳିତ ଚିକିତ୍ସା ପଦ୍ଧତି କେବଳ ସାମୟିକ ଉପଶମ ପ୍ରଦାନ କରିଥାଏ।

### ସୁରକ୍ଷା ମୂଲ୍ୟାଙ୍କନ

ପ୍ରଚଳିତ ଆୟୁର୍ବେଦିକ ଯୌଗିକଗୁଡ଼ିକର ପ୍ରାମାଣିକ ଆଧାରକୁ ଅଧିକ ସୁଦୃଢ଼ କରିବା ଦିଗରେ 'ତ୍ରୟୋଦଶାଙ୍ଗ ଗୁଗୁଲୁର ଏକ ସୁରକ୍ଷା ମୂଲ୍ୟାଙ୍କନ କରାଯାଇଛି। ସ୍ନାୟୁ ଏବଂ ମାଂସପେଶୀ ଜନିତ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଏହି ଶାସ୍ତ୍ରୀୟ ଔଷଧର ବୈଜ୍ଞାନିକ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଏବେ ଉପଲବ୍ଧ, ଯାହା ଏହାର ବ୍ୟାପକ ବ୍ୟବହାରକୁ ସମର୍ଥନ କରେ। ପ୍ରମାଣ-ଭିତ୍ତିକ ଚିକିତ୍ସା ବିଜ୍ଞାନରେ ସୁରକ୍ଷା ମାପଦଣ୍ଡ ନିରୂପଣ ଏକ ପ୍ରମୁଖ ସ୍ତମ୍ଭ; ଏହିପରି ଦଲିଲିକରଣ ଚିକିତ୍ସକ ଏବଂ ରୋଗୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଶାସ୍ତ୍ରୀୟ ଆୟୁର୍ବେଦିକ ଔଷଧଗୁଡ଼ିକର ବୈଜ୍ଞାନିକ ପ୍ରମାଣିକରଣ ପାଇଁ ଏକ ଆଦର୍ଶ ମଡେଲ୍ ଭାବେ କାର୍ଯ୍ୟ କରିବ।

### ରୋଗୀ ବିବରଣୀ

ଏକ ତୀବ୍ର ମାଇଗ୍ରେନ୍ (ଅଧକପାଳି) ରୋଗରେ ଆୟୁର୍ବେଦିକ 'ଅଗ୍ନିକର୍ମ' ଚିକିତ୍ସାର ପ୍ରୟୋଗ ଏକ ଦ୍ରୁତ ଏବଂ ଉଲ୍ଲେଖନୀୟ ଉପଶମ ପ୍ରଦାନ କରିଛି। ମାଇଗ୍ରେନ୍, ଯାହା ଅଧିକାଂଶ ରୋଗୀଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଥାଏ। ଏଥିରେ ଆଧୁନିକ ଔଷଧୀୟ ଚିକିତ୍ସାର ସଫଳତା ସୀମିତ, ସେହିଭଳି କ୍ଷେତ୍ରରେ ଏହି ସ୍ୱଳ୍ପ ବ୍ୟୟବହୁଳ ତଥା ସୂକ୍ଷ୍ମ ଆୟୁର୍ବେଦିକ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଗତ ସହାୟତା ପ୍ରଦାନ କରିପାରେ। ଯଦିଓ ଗୋଟିଏ ମାମଲାରୁ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ସତର୍କତା ଆବଶ୍ୟକ, ତଥାପି ଏହି ପର୍ଯ୍ୟବେକ୍ଷଣ ଭବିଷ୍ୟତର ନିୟନ୍ତ୍ରିତ ଗବେଷଣା ପାଇଁ ଏକ ଦୃଢ଼ ଆଧାର ପ୍ରଦାନ କରୁଛି।

### ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସମ୍ପ୍ରଦାୟ ଅନୁସନ୍ଧାନ

ଏହି ସଂସ୍କରଣଟି ବ୍ୟକ୍ତିଗତ ଚିକିତ୍ସା ସୀମା ବାହାରେ ଆୟୁର୍ବେଦର ପ୍ରାସଙ୍ଗିକତାକୁ ପ୍ରତିପାଦିତ କରିବା ସହ ଜନସଂଖ୍ୟା ଭିତ୍ତିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାର ପ୍ରାୟୋଗିକତା ଉପରେ ଗୁରୁତ୍ୱାରୋପ କରେ। ମଧ୍ୟପ୍ରଦେଶର ଗ୍ୱାଲିୟର ଜିଲ୍ଲାରେ ଅବହେଳିତ ଅନୁସୂଚିତ ଜନଜାତି (SC) ସମୁଦାୟ ମଧ୍ୟରେ କରାଯାଇଥିବା ଏକବର୍ଷବ୍ୟାପୀ ଗୋଷ୍ଠୀ ଭିତ୍ତିକ ସର୍ବେକ୍ଷଣ ସ୍ୱାସ୍ଥ୍ୟସେବାରେ ଥିବା ବୈଷମ୍ୟ, ସୁବିଧା ସୁଯୋଗର ଅଭାବ ଓ ସାଂସ୍କୃତିକ ଭାବେ ସମ୍ବେଦନଶୀଳ ତଥା ସ୍ଥାନୀୟ ଭିତ୍ତିଭୂମି ସହ ଜଡ଼ିତ ଚିକିତ୍ସା ବ୍ୟବସ୍ଥାର ଆବଶ୍ୟକତାକୁ ଦର୍ଶାଉଛି। ଏହା ସହିତ ଗ୍ୱାଲିୟରର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଜୀବନ ଶୈଳୀରେ ହୋଇଥିବା ଉନ୍ନତି ସମ୍ବନ୍ଧୀୟ ଏକ ଗବେଷଣା, ସାମୁଦାୟିକ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଆୟୁର୍ବେଦିକ ରୂପରେଖର ସାମର୍ଥ୍ୟକୁ ଅଧିକ ସ୍ପଷ୍ଟ କରୁଛି। ସାକ୍ଷରତା ବୃଦ୍ଧି ଓ

ଶୀଘ୍ର ଚିହ୍ନଟ ତଥା ପରିଚାଳନା ପାଇଁ ଏନସିଡି ସ୍କ୍ରିନିଂ ବିସ୍ତାର କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି। ସାମଗ୍ରିକ ଭାବେ, ଏହି ସମସ୍ତ ଗବେଷଣାଲବ୍ଧ ତଥ୍ୟ ଆୟୁର୍ବେଦର ଭୂମିକାକୁ କେବଳ ଏକ ବ୍ୟକ୍ତିଗତ ଚିକିତ୍ସା ପଦ୍ଧତି ଭାବେ ନୁହେଁ, ବରଂ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଥିବା ଅସମାନତାକୁ ଦୂର କରିବା ପାଇଁ ଏକ ସକ୍ଷମ ତଥା ସାମଗ୍ରିକ ଦୃଷ୍ଟିକୋଣ ଭାବେ ପୁନଃପ୍ରତିଷ୍ଠିତ କରୁଛି।

## ଭେଷଜ ବିଜ୍ଞାନ ଏବଂ ଜୈବ ରସାୟନ ଗବେଷଣା :

ବହୁ-ଔଷଧୀୟ ଆୟୁର୍ବେଦିକ ଯୌଗିକ 'ଶ୍ୱଦଂଷ୍ଟ୍ରାଦି ଘନ' ଉପରେ କରାଯାଇଥିବା ଏକ ପ୍ରାକ୍-ଚିକିତ୍ସୀୟ ଅଧ୍ୟୟନ, ଔଷଧ-ଜନିତ ବୃକକ୍ କ୍ଷତି ବିରୋଧରେ ଏହାର ପ୍ରତିରୋଧକ ସାମର୍ଥ୍ୟ ବା 'ନେଫ୍ରୋପ୍ରୋଟେକ୍ଟିଭ୍' ପ୍ରଭାବକୁ ପ୍ରତିପାଦିତ କରିଛି। ଚିକିତ୍ସା-ଜନିତ ବୃକକ୍ ବିଷାକ୍ତତାକୁ ନେଇ ବଢୁଥିବା ବିଶ୍ୱସ୍ତରୀୟ ଚିନ୍ତାଜନକ ପରିସ୍ଥିତିରେ ଏହି ଗବେଷଣାଲବ୍ଧ ତଥ୍ୟଟି ଅତ୍ୟନ୍ତ ଚିକିତ୍ସାଗତ ପ୍ରାସଙ୍ଗିକତା ବହନ କରେ।

ବେଲ (ବିଲ୍ୱ) ଗଛର ସହାୟତାରେ $CO_3O_4$ ନାନୋ-କଣିକାର ଜୈବିକ ସଂଶ୍ଳେଷଣ (Biogenic Synthesis) ସମ୍ବନ୍ଧୀୟ ଗବେଷଣା, ନାନୋ-ଟେକ୍ନୋଲୋଜି ଓ ପରିବେଶ ବିଜ୍ଞାନ କ୍ଷେତ୍ରରେ ଆୟୁର୍ବେଦର ସମସାମୟିକ ପ୍ରାସଙ୍ଗିକତାକୁ ପ୍ରତିପାଦିତ କରୁଛି।

## ଔଷଧ ଅନୁସନ୍ଧାନ ଏବଂ ଔଷଧୀୟ ବୃକ୍ଷ ସର୍ବେକ୍ଷଣ

ସିସସ୍ କ୍ୱାଡ୍ରାଙ୍ଗୁଲାରିସ୍'ର ଏକ ବିସ୍ତୃତ ଭେଷଜ ଗୁଣାବଳୀ ସମ୍ବନ୍ଧୀୟ ସମୀକ୍ଷା, ଏହାର ବହୁବିଧ ଜୈବିକ ପ୍ରଭାବ ଉପରେ ଆଲୋକପାତ କରେ; ଯେଉଁଥିରେ କର୍କଟ-ବିରୋଧୀ, ସୁଜନ-ନାଶକ ଏବଂ ଜୀବାଣୁ-ନାଶକ ଗୁଣ ସନ୍ନିବେଶିତ। ଏହି ବିଶିଷ୍ଟ ଗୁଣଗୁଡ଼ିକ ଏହାକୁ ଭବିଷ୍ୟତର ନୂତନ ଔଷଧ ପ୍ରସ୍ତୁତି କ୍ଷେତ୍ରରେ ଏକ ଅଗ୍ରଣୀ ବିକଳ୍ପ ଭାବେ ସ୍ଥାପିତ କରୁଛି।

ଏହା ସହିତ ହିମାଳୟର ରାଣୀକ୍ଷେତ ଅଞ୍ଚଳରେ ଚାଷ କରାଯାଉଥିବା 'ପିପ୍ପଳୀ' ଉପରେ ଆଧାରିତ ଏକ ଅଧ୍ୟୟନ ଦର୍ଶାଉଛି ଯେ, ଭୌଗୋଳିକ ଉତ୍ସ ବା ସ୍ଥାନର ପରିବର୍ତ୍ତନ ଔଷଧର ଗୁଣବତ୍ତା ଓ ପ୍ରଭାବଶାଳୀତାକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ଆୟୁର୍ବେଦିକ କଞ୍ଚାମାଲର ସଂଗ୍ରହ ପାଇଁ ଗୁଣବତ୍ତା ମାନକୀକରଣ ଏବଂ 'ଫାର୍ମାକୋପିଆ' ର ନିର୍ଦ୍ଦିଷ୍ଟ ମାନଦଣ୍ଡ ନିରୂପଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

## ସ୍ଥାୟୀ ସମ୍ବଳ ଉପଯୋଗ

ପ୍ଟେରୋକାର୍ପସ୍ ମାର୍ସୁପିୟମ୍ ରକ୍ସ୍ବ୍. (ବୀଜକ)) ଉପରେ ପର୍ଯ୍ୟବେସିତ ଏହି ଅଧ୍ୟୟନ, ଔଷଧ ପ୍ରସ୍ତୁତି ପାଇଁ ବୃକ୍ଷର ମୂଳ କାଠ ପରିବର୍ତ୍ତେ ଏହାର ଶାଖା ବା ଡାଳର ବ୍ୟବହାରକୁ ଉତ୍ସାହିତ କରୁଛି। ଏହା ସମ୍ପଦ ବିନିଯୋଗ କ୍ଷେତ୍ରରେ ଏକ ଉନ୍ନତ ବୈଜ୍ଞାନିକ ତଥା ପରିବେଶ-ଅନୁକୂଳ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଏହି ପଦ୍ଧତି ଚିକିତ୍ସାଗତ ପ୍ରଭାବଶାଳୀତାକୁ ଅକ୍ଷୁଣ୍ଣ ରଖିବା ସହ ପରିବେଶର ଅବକ୍ଷୟକୁ ରୋକିବାରେ ଏବଂ ଏହି ଦୁର୍ଲଭ ବନୌଷଧିର ନିରନ୍ତର ଉପଲବ୍ଧତାକୁ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ନୃ-ଉଦ୍ଭିଦ ବିଜ୍ଞାନ ସମ୍ବନ୍ଧୀୟ ଡକ୍ୟୁମେଣ୍ଟେସନ୍

କେରଳର ଜନଜାତିଙ୍କ ମଧ୍ୟରେ ପ୍ରଚଳିତ ପାରମ୍ପରିକ ଚିକିତ୍ସା ଜ୍ଞାନ ଉପରେ କରାଯାଇଥିବା ଏକ ପଦ୍ଧତିଗତ ସର୍ବେକ୍ଷଣ, ସେଠାରେ ବ୍ୟବହୃତ ବହୁବିଧ ଔଷଧୀୟ ବୃକ୍ଷଲତା ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ରକ୍ଷା ପଦ୍ଧତିଗୁଡ଼ିକୁ ଲୋକଲୋଚନକୁ ଆଣିଛି। ଏହି ଅଧ୍ୟୟନ ଜନଜାତିଙ୍କ ମଧ୍ୟରେ ଥିବା ସମୃଦ୍ଧ ଚିକିତ୍ସା ବିଜ୍ଞାନ ଓ ସେମାନଙ୍କର ପାରମ୍ପରିକ ଉପଚାର ଶୈଳୀର ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲିକରଣ ପ୍ରଦାନ କରୁଛି।|

## ସହିତ୍ୟିକ ଗବେଷଣା:

ପ୍ରମେହ' (ମଧୁମେହ) ର ରୋଗ ନିରୂପଣ ପାଇଁ ଆୟୁର୍ବେଦିକ ଚିକିତ୍ସୀୟ ପଦ୍ଧତି ଉପରେ ସିସିଆରଏଏସ୍ ର ଏହି ପ୍ରକାଶନ, ଏକ ସୁସଂଗଠିତ ତଥା ବୈଜ୍ଞାନିକ ଭାବେ ବିଶ୍ଳେଷଣଯୋଗ୍ୟ ରୂପରେଖ ପ୍ରଦାନ କରେ। ଏହା ସମନ୍ୱିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁର୍ବେଦର ପରୀକ୍ଷଣ ସଠିକତା ଏବଂ ବୈଜ୍ଞାନିକ ବିଶ୍ୱସନୀୟତାକୁ ପୁନଃ-ପ୍ରତିଷ୍ଠିତ କରିବା ଦିଗରେ ଏକ ମାଇଲଖୁଣ୍ଟ।

ସାମୂହିକ ଭାବେ, ଏହି ସଂସ୍କରଣରେ ଉପସ୍ଥାପିତ ଅଧ୍ୟୟନଗୁଡ଼ିକ ଆୟୁର୍ବେଦ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ପ୍ରତିଫଳନ। ଆୟୁର୍ବେଦ ଆଉ କେବଳ ପାରମ୍ପରିକ ଦୃଷ୍ଟିକୋଣ ମଧ୍ୟରେ ସୀମିତ ନୁହେଁ; ବରଂ ଏହା ଏବେ କଠୋର ପରୀକ୍ଷାମୂଳକ ପ୍ରମାଣିକରଣ, ପଦ୍ଧତିଗତ ତଥ୍ୟ ସଂଗ୍ରହ ଏବଂ ସୂକ୍ଷ୍ମ ବୈଜ୍ଞାନିକ ପର୍ଯ୍ୟବେକ୍ଷଣର ପରିଧିଭୁକ୍ତ ହୋଇଛି। ପ୍ରମାଣ-ଭିତ୍ତିକ ଚିକିତ୍ସାକୁ ସର୍ବଶ୍ରେଷ୍ଠ ମାନଦଣ୍ଡ ଭାବେ ଗ୍ରହଣ କରୁଥିବା ମୁଖ୍ୟଧାରାର ସ୍ୱାସ୍ଥ୍ୟସେବା ପ୍ରଣାଳୀରେ ଆୟୁର୍ବେଦର ସାର୍ଥକ ସମନ୍ୱୟ ପାଇଁ ଏହି ବିବର୍ତ୍ତନ ଅତ୍ୟନ୍ତ ଅପରିହାର୍ଯ୍ୟ।

ଯଦିଓ ଅନେକ ଗବେଷଣା ଏବେ ପ୍ରାଥମିକ ସ୍ତରରେ ରହିଛି ଓ ଏଥିପାଇଁ ଅଧିକ ବୃହତ ତଥା ବହୁ-କେନ୍ଦ୍ରୀୟ ପରୀକ୍ଷଣର ଆବଶ୍ୟକତା ରହିଛି, ତଥାପି ଏହାର ଅଗ୍ରଗତିର ଦିଗ ଅତି ସ୍ପଷ୍ଟ। ନିରନ୍ତର ଗବେଷଣା, ଆନ୍ତଃ-ଶୃଙ୍ଖଳିତ ସହଯୋଗ ଓ ଜନସ୍ୱାସ୍ଥ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରି ସିସିଆରଏଏସ୍ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ମଧ୍ୟରେ ଏକ ସେତୁ ବନ୍ଧ ଜାରି ରଖିଛି; ଯାହା ଆୟୁର୍ବେଦକୁ ଏକ ବିଶ୍ୱସନୀୟ ତଥା ପ୍ରମାଣ-ଭିତ୍ତିକ ଚିକିତ୍ସା ବିଜ୍ଞାନ ଭାବେ ପ୍ରତିଷ୍ଠିତ କରୁଛି।

## ବ୍ୟାକ୍ଟେରିଆଲ୍ ଭାଜିନୋସିସ୍-ର ପରିଚାଳନାରେ 'ପୁଷ୍ୟାନୁଗ ଚୂର୍ଣ୍ଣ'ର ଉଲ୍ଲେଖନୀୟ ସଫଳତା

ଆୟୁର୍ବେଦରେ ପାରମ୍ପରିକ ଭାବେ 'ଶ୍ୱେତପ୍ରଦର'ର ଚିକିତ୍ସା ପାଇଁ କେନ୍ଦ୍ରୀୟ ଆୟୁର୍ବେଦୀୟ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆରଏଏସ୍) ଅଧୀନରେ ପରିଚାଳିତ ଏକ ଚିକିତ୍ସୀୟ ଅନୁସନ୍ଧାନରୁ 'ଶ୍ୱେତପ୍ରଦର' (ବ୍ୟାକ୍ଟେରିଆଲ୍ ଭାଜିନୋସିସ୍) ର ପରିଚାଳନା କ୍ଷେତ୍ରରେ 'ପୁଷ୍ୟାନୁଗ ଚୂର୍ଣ୍ଣ'ର ନିରାପତ୍ତା ଓ ଚିକିତ୍ସାଗତ ପ୍ରଭାବଶାଳୀତା ସମ୍ବନ୍ଧରେ ଅତ୍ୟନ୍ତ ଆଶାଜନକ ଫଳାଫଳ ପ୍ରାପ୍ତ ହୋଇଛି। ପ୍ରଜନନ ବୟସର ମହିଳାମାନଙ୍କ ମଧ୍ୟରେ ସାଧାରଣତଃ ପରିଲକ୍ଷିତ ହେଉଥିବା ଏହି ସ୍ତ୍ରୀ-ରୋଗର ନିରାକରଣ ପାଇଁ ବିଭିନ୍ନ ଚିକିତ୍ସୀୟ ମାନଦଣ୍ଡ ଆଧାରରେ ଏହି ଶାସ୍ତ୍ରୀୟ ଯୌଗିକର ଗୁଣବତ୍ତା ମୂଲ୍ୟାଙ୍କନ କରିବା ହିଁ ଏହି ଅଧ୍ୟୟନର ମୁଖ୍ୟ ଲକ୍ଷ୍ୟ ଥିଲା।

ଏହି ଅଧ୍ୟୟନରେ 18 ରୁ 40 ବର୍ଷ ବୟସ ମଧ୍ୟରେ ଥିବା 80 ଜଣ ମହିଳା ଅଂଶଗ୍ରହଣ କରିଥିଲେ, ଯେଉଁମାନେ ବ୍ୟାକ୍ଟେରିଆଲ୍ ଭାଜିନୋସିସ୍‌ରେ ଆକ୍ରାନ୍ତ ଥିଲେ ଏବଂ ସେମାନଙ୍କଠାରେ ଅସ୍ୱାଭାବିକ ଶ୍ୱେତପ୍ରଦର (ଧଳାସ୍ରାବ) ଭଳି ମୁଖ୍ୟ ଲକ୍ଷଣମାନ ପରିଲକ୍ଷିତ ହେଉଥିଲା। ଗବେଷଣାର ପଦ୍ଧତି ଅନୁଯାୟୀ, ରୋଗୀମାନଙ୍କୁ ଦୈନିକ ଦୁଇଥର 3 ଗ୍ରାମ ଲେଖାଏଁ 'ପୁଷ୍ୟାନୁଗ ଚୂର୍ଣ୍ଣ' ସେବନ କରିବାକୁ ଦିଆଯାଇଥିଲା। ଏହି ଔଷଧକୁ ଭୋଜନ ପରେ 'ତଣ୍ଡୁଳୋଦକ' (ଚାଉଳ ଧୁଆ ପାଣି) ସହିତ 60 ଦିନ ପର୍ଯ୍ୟନ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚିକିତ୍ସା ସମୟରେ ପ୍ରତି 15 ଦିନ ବ୍ୟବଧାନରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଚିକିତ୍ସା ଶେଷ ହେବାର 90 ଦିନ ପରେ ଏହାର ଦୀର୍ଘସ୍ଥାୟୀ ପ୍ରଭାବକୁ ମୂଲ୍ୟାଙ୍କନ କରିବା ପାଇଁ ପୁନର୍ବାର ଯାଞ୍ଚ କରାଯାଇଥିଲା।




(ଏଆଇ-ଉତ୍ପନ୍ନ ଚିତ୍ର)

ଅଧ୍ୟୟନରେ ଅଂଶଗ୍ରହଣ କରିଥିବା ମହିଳାଙ୍କ ମଧ୍ୟରୁ 67 ଜଣ ସମ୍ପୂର୍ଣ୍ଣ ଚିକିତ୍ସା ଓ ପରବର୍ତ୍ତୀ ଅନୁଧ୍ୟାନ ପର୍ଯ୍ୟାୟ ସମାପ୍ତ କରିଥିଲେ। ଚିକିତ୍ସୀୟ ମୂଲ୍ୟାଙ୍କନରୁ ବିଭିନ୍ନ ରୋଗଲକ୍ଷଣ କ୍ଷେତ୍ରରେ ପରିସଂଖ୍ୟାନଗତ ଓ ଚିକିତ୍ସାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ପରିଲକ୍ଷିତ ହୋଇଥିଲା। ବ୍ୟାକ୍ଟେରିଆଲ୍ ଭାଜିନୋସିସ୍‌ର ମୁଖ୍ୟ ଲକ୍ଷଣ 'ଦୁର୍ଗନ୍ଧ'ରୁ ପ୍ରାୟ 89.6% ଅଂଶଗ୍ରହଣକାରୀ ମୁକ୍ତି ପାଇଥିଲେ। ସେହିଭଳି 92.5% ରୋଗୀଙ୍କ କ୍ଷେତ୍ରରେ ଜଳାପୋଡ଼ା ହ୍ରାସ ପାଇଥିବା ବେଳେ 95.5% ରୋଗୀ ପରିସ୍ରା ସମୟରେ ହେଉଥିବା ଯନ୍ତ୍ରଣାରୁ ଆରୋଗ୍ୟ ଲାଭ କରିଥିଲେ। ଏଥିସହ 68.7% ମହିଳା ଯୌନାଙ୍ଗ କୁଣ୍ଡାଇ ହେବା ସମସ୍ୟାର ଉପଶମରେ ଉନ୍ନତି ଅନୁଭବ କରିଥିଲେ। ଚିକିତ୍ସାର ସକାରାତ୍ମକ ପ୍ରଭାବ ସ୍ୱରୂପ 86.6% ମହିଳା ଶାରୀରିକ ସମ୍ପର୍କ ସମୟରେ ଆରାମ ଅନୁଭବ କରିଥିଲେ ଏବଂ 38.8% ରୋଗୀଙ୍କ କ୍ଷେତ୍ରରେ ଅଣ୍ଟା ବିନ୍ଧା ସମସ୍ୟା ହ୍ରାସ ପାଇଥିବା ଲିପିବଦ୍ଧ କରାଯାଇଛି।

ଜୀବନ ଶୈଳୀର ଗୁଣାତ୍ମକ ମାନ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ, ଏହି ଚିକିତ୍ସା ପରେ ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଛି, ଯାହା କେବଳ ରୋଗର ଲକ୍ଷଣରୁ ମୁକ୍ତି ଦେଇନାହିଁ ବରଂ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟଦକ୍ଷତାକୁ ମଧ୍ୟ ବୃଦ୍ଧି କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସମ୍ପୂର୍ଣ୍ଣ ଗବେଷଣା ସମୟ ମଧ୍ୟରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବା ସୁରକ୍ଷା ସମ୍ବନ୍ଧୀୟ ସମସ୍ୟା ଦେଖାଯାଇ ନାହିଁ; ଯାହା ପ୍ରମାଣିତ କରେ ଯେ ଏହି ଶାସ୍ତ୍ରୀୟ ଔଷଧଟି ରୋଗୀଙ୍କ ପାଇଁ ଅତ୍ୟନ୍ତ ନିରାପଦ ଏବଂ ସହନଶୀଳ।

ଗବେଷକମାନେ ଏହି ନିଷ୍କର୍ଷରେ ଉପନିତ ହୋଇଛନ୍ତି ଯେ, ଏକ ସମନ୍ୱିତ ଚିକିତ୍ସା ଢାଞ୍ଚା ମଧ୍ୟରେ ବ୍ୟାକ୍ଟେରିଆଲ୍ ଭାଜିନୋସିସ୍‌ର ପରିଚାଳନା ପାଇଁ 'ପୁଷ୍ୟାନୁଗ ଚୂର୍ଣ୍ଣ' ଏକ ନିରାପଦ ଏବଂ ପ୍ରଭାବଶାଳୀ ଚିକିତ୍ସା ଭାବେ ଉଲ୍ଲେଖନୀୟ ସମ୍ଭାବନା ପ୍ରଦର୍ଶନ କରୁଛି। ତଥାପି, ଏହି ତଥ୍ୟଗୁଡ଼ିକୁ ଆହୁରି ଦୃଢ଼ କରିବା ଏବଂ ପ୍ରଚଳିତ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ଏହାର ତୁଳନାତ୍ମକ ପ୍ରଭାବ ପରଖିବା ପାଇଁ, ବୃହତ ସ୍ତରରେ ନିୟନ୍ତ୍ରିତ ଚିକିତ୍ସୀୟ ପରୀକ୍ଷଣର ଆବଶ୍ୟକତା ଉପରେ ଗବେଷକମାନେ ଗୁରୁତ୍ୱାରୋପ କରିଛନ୍ତି।

ଆଧାର : ଶର୍ମା ଏସ, ଜୈନ ଏସ, ଓଡା ଏସ, ତ୍ରିପାଠୀ ଏ, ଶିନ୍ଦେ ପି, ୱାକୋଡେ ଭି, ରାଜପୁତ ଏସ, ରାଣା ଆର, ଶର୍ମା ବିଏସ, ଖଣ୍ଡୁରୀ ଏସ, କୁମାର ଏ। ବ୍ୟାକ୍ଟେରିଆଲ୍ ଭାଜିନୋସିସ୍‌ର ପରିଚାଳନାରେ ପୁଷ୍ୟାନୁଗ ଚୂର୍ଣ୍ଣର ଚିକିତ୍ସୀୟ ମୂଲ୍ୟାଙ୍କନ: ଏକ ପ୍ରୋସପେକ୍ଟିଭ୍ ସିଙ୍ଗଲ୍-ଆର୍ମ ମଲ୍ଟିସେଣ୍ଟର ପାଇଲଟ୍ ଷ୍ଟଡି। ଜର୍ଣ୍ଣାଲ୍ ଅଫ୍ ଗବେଷଣା ଇନ୍ ଆୟୁର୍ବେଦିକ ସାଇନ୍ସେସ୍। 2025 ଜୁଲାଇ 1; 9(4): 152-60।

ଆଧାର ଲିଙ୍କ୍ : ( https: // journals.lww.com / jras / fulltext / 2025 / 07000 / clinical_evaluation_of_pushyanug_churna_in_the.3.aspx)

## ଛୋଟ ପଦକ୍ଷେପ, ବଡ଼ ପରିବର୍ତ୍ତନ: ଗ୍ୱାଲିଅର୍‌ର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଏବଂ ଅଭ୍ୟାସରେ ଉନ୍ନତି

ଗ୍ୱାଲିୟର ଜିଲ୍ଲାର ପାଞ୍ଚଟି ଗ୍ରାମରେ କରାଯାଇଥିବା ଏକ ବୃହତ ଗୋଷ୍ଠୀ ସର୍ବେକ୍ଷଣରୁ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ମାନ କ୍ଷେତ୍ରରେ ସକାରାତ୍ମକ ଅଗ୍ରଗତି ସହ କେତେକ ସଂସ୍କାରମୂଳକ ଦିଗ ସମ୍ବନ୍ଧରେ ସୂଚନା ମିଳିଛି। ଅନୁସୂଚିତ ଜାତି ସମ୍ପ୍ରଦାୟର ବହୁଳତା ଥିବା ଏହି ଅଞ୍ଚଳରେ ଡିସେମ୍ବର 2018ରୁ ଡିସେମ୍ବର 2019 ମଧ୍ୟରେ ଏହି ଅଧ୍ୟୟନ ପରିଚାଳିତ ହୋଇଥିଲା। ଗବେଷକମାନେ ପ୍ରତ୍ୟେକ ଘର ପରିଦର୍ଶନ କରି 4,402 ଜଣ ବ୍ୟକ୍ତିଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ, ଯେଉଁଥିରେ 2,573 ଜଣ ମହିଳା ଏବଂ 1,829 ଜଣ ଶିଶୁ ସାମିଲ ଥିଲେ। ଏକ ସୁସଂଗଠିତ ପ୍ରଶ୍ନୋତ୍ତର ମାଧ୍ୟମରେ ବାସଗୃହର ସ୍ଥିତି, ଶିକ୍ଷା, ମାସିକ ଧର୍ମ ଏବଂ ଗର୍ଭଧାରଣର ଇତିହାସ, ନିଶା ଅଭ୍ୟାସ ତଥା ସ୍ୱାସ୍ଥ୍ୟସେବା ଗ୍ରହଣ କରିବାର ପଦ୍ଧତି ସମ୍ବନ୍ଧରେ ବିସ୍ତୃତ ତଥ୍ୟ ସଂଗ୍ରହ କରାଯାଇଥିଲା। ଶିଶୁମାନଙ୍କ କ୍ଷେତ୍ରରେ ସେମାନଙ୍କ ଶିକ୍ଷା, ଟୀକାକରଣ ସ୍ଥିତି, ସାଧାରଣ ରୋଗ, ଶାରୀରିକ ବୃଦ୍ଧି ଏବଂ ବିକାଶ ଉପରେ ଏହି ସର୍ବେକ୍ଷଣରେ ଗୁରୁତ୍ୱାରୋପ କରାଯାଇଥିଲା।




ଚିତ୍ର ଉତ୍ସ : ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ଉତ୍ପନ୍ନ

ସର୍ବେକ୍ଷଣ କରାଯାଇଥିବା ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଓ ପ୍ରସବକାଳୀନ ସେବାର ଗ୍ରହଣୀୟତା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଅନୁଧ୍ୟାନ ଅନୁଯାୟୀ, ପ୍ରାୟ 35% ମହିଳା କଷ୍ଟଦାୟକ ଋତୁସ୍ରାବ ଏବଂ 14% ମହିଳା ଅନିୟମିତ ଋତୁଚକ୍ର ସମସ୍ୟା ସମ୍ବନ୍ଧରେ ସୂଚନା ଦେଇଛନ୍ତି। ଏକ ସନ୍ତୋଷଜନକ ବିଷୟ ହେଉଛି, ପ୍ରାୟ 90% ପ୍ରସବ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ବା ଚିକିତ୍ସାଳୟରେ ସମ୍ପନ୍ନ ହେଉଛି, ଯାହା ଆନୁଷ୍ଠାନିକ ମାତୃତ୍ୱ ସେବାର ବୃଦ୍ଧିକୁ ପ୍ରମାଣିତ କରୁଛି। ମାତ୍ର 10% ପ୍ରସବ ଘରୋଇ ପରିବେଶରେ ହୋଇଥିବା ବେଳେ, ମୋଟ ପ୍ରସବର ପ୍ରାୟ 97% ସ୍ୱାଭାବିକ ପ୍ରକ୍ରିୟା ମାଧ୍ୟମରେ ହୋଇଥିବା ଲିପିବଦ୍ଧ କରାଯାଇଛି।

ଏହି ସର୍ବେକ୍ଷଣରୁ ମହିଳାମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ଥିବା କେତେକ ଅଭାବ ପରିଲକ୍ଷିତ ହୋଇଛି। ଅନୁଧ୍ୟାନ ଅନୁଯାୟୀ, ପ୍ରାୟ 44% ମହିଳା ପରିବାର ନିୟନ୍ତ୍ରଣ ବା ଗର୍ଭନିରୋଧକ ପଦ୍ଧତି ସମ୍ବନ୍ଧରେ ଅବଗତ ନଥିଲେ ଏବଂ 56% ମହିଳା ସଠିକ ଋତୁକାଳୀନ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ଜଣାପଡ଼ିଛି। ଖାଦ୍ୟପେୟ କ୍ଷେତ୍ରରେ, ପ୍ରାୟ 72% ମହିଳା ମିଶ୍ରିତ ଆହାର (ଉଭୟ ନିରାମିଷ ଓ ଆମିଷ) ଗ୍ରହଣ କରୁଥିବା ସୂଚନା ଦେଇଛନ୍ତି। ଏଥିସହ, ଅଧ୍ୟୟନରୁ ଏକ ଚିନ୍ତାଜନକ ତଥ୍ୟ ମିଳିଛି ଯେ ପ୍ରାୟ 15% ମହିଳା କୌଣସି ନା କୌଣସି ବ୍ୟସନ ବା ନିଶାଦ୍ରବ୍ୟ, ମୁଖ୍ୟତଃ ଗୁଟ୍‌ଖା କିମ୍ବା ପାନ ମସାଲା ସେବନରେ ଅଭ୍ୟସ୍ତ।

ଏହି ସର୍ବେକ୍ଷଣରୁ ଜଣାପଡୁଛି ଯେ, ହସ୍ପିଟାଲ୍‌ରେ ପ୍ରସବ ଭଳି ସ୍ୱାସ୍ଥ୍ୟସେବାରେ ଉନ୍ନତି ହୋଇଥିଲେ ମଧ୍ୟ, ଗ୍ରାମାଞ୍ଚଳରେ ପରିବାର ନିୟନ୍ତ୍ରଣ, ମାସିକ ଧର୍ମ ସମୟରେ ସ୍ୱଚ୍ଛତା ଏବଂ ସୁସ୍ଥ ଜୀବନଶୈଳୀ ବିଷୟରେ ଲୋକଙ୍କୁ ଆହୁରି ସଚେତନ କରିବାର ଆବଶ୍ୟକତା ରହିଛି। ବିଶେଷ କରି ବାସଗୃହ ଏବଂ ପରିମଳ ବ୍ୟବସ୍ଥାରେ ଅନେକ ସମସ୍ୟା ରହିଛି। ଯଦିଓ 91% ପରିବାରରେ ଶୌଚାଳୟ ଅଛି ଏବଂ 71% ଘରେ ବାୟୁ ଚଳାଚଳ ପାଇଁ ଝରକା ବା ଭେଣ୍ଟିଲେସନ୍ ଅଛି, ତଥାପି ପ୍ରାୟ 80% ଲୋକ ବିଶୁଦ୍ଧିକରଣ ହୋଇନଥିବା (ଅପରିଷ୍କାର) ପାନୀୟ ଜଳ ବ୍ୟବହାର କରୁଛନ୍ତି ଏବଂ ପ୍ରାୟ 80% ବାସଗୃହରେ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ଖୋଲା ନଳା ରହିଛି।

ଶିଶୁମାନଙ୍କ କ୍ଷେତ୍ରରେ ଟୀକାକରଣର ସଫଳତା ପ୍ରାୟ 95% ରହିଥିବା ବେଳେ ଏକ ଚିନ୍ତାଜନକ ବିଷୟ ହେଉଛି ଯେ, 6 ରୁ 12 ବର୍ଷ ବୟସ୍କ ପ୍ରାୟ 21% ଶିଶୁ ବିଦ୍ୟାଳୟକୁ ଯାଉନାହାନ୍ତି। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ସଂକ୍ରମଣ ସବୁଠାରୁ ଅଧିକ (16.5%) ଦେଖାଯାଇଛି; ଏହା ପରେ ଚର୍ମ ରୋଗ ଏବଂ ପାକସ୍ଥଳୀ ସମ୍ବନ୍ଧୀୟ ସଂକ୍ରମଣର ପ୍ରାଦୁର୍ଭାବ ରହିଛି। ଶାରୀରିକ ବୃଦ୍ଧି ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ, ପ୍ରାୟ 93% ଶିଶୁଙ୍କର ବୟସ ଅନୁସାରେ ଉଚ୍ଚତା ସ୍ୱାଭାବିକ ଥିବା ବେଳେ 19% ଶିଶୁ ଓଜନ କମ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତି ଗୁରୁତର ପୁଷ୍ଟିହୀନତା ମାତ୍ର 0.16% ଶିଶୁଙ୍କ କ୍ଷେତ୍ରରେ ଦେଖାଯାଇଛି, ଯାହାକି ଅତ୍ୟନ୍ତ କମ୍। ସାମଗ୍ରିକ ଭାବେ 99.8% ଶିଶୁଙ୍କର ବିକାଶ ପ୍ରକ୍ରିୟା ସ୍ୱାଭାବିକ ରହିଥିବା ଏହି ସର୍ବେକ୍ଷଣରୁ ଜଣାପଡ଼ିଛି।

ଏହି ଗବେଷଣାରୁ ପ୍ରମାଣିତ ହେଉଛି ଯେ, ଆନୁଷ୍ଠାନିକ ପ୍ରସବ ଏବଂ ଟୀକାକରଣ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ମିଳିଥିଲେ ମଧ୍ୟ ପରିମଳ ବ୍ୟବସ୍ଥା, ଋତୁସ୍ରାବକାଳୀନ ସ୍ୱଚ୍ଛତା ଶିକ୍ଷା ଏବଂ ଶିଶୁ ପୁଷ୍ଟିସାର କ୍ଷେତ୍ରରେ ଅଧିକ ସକ୍ରିୟ ପ୍ରୟାସର ଆବଶ୍ୟକତା ରହିଛି। ଗବେଷଣାର ନିଷ୍କର୍ଷ ଅନୁସାରେ, ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ସହ ସାଂସ୍କୃତିକ ଭାବେ ଗ୍ରହଣୀୟ ଆୟୁର୍ବେଦ-ଭିତ୍ତିକ ସହାୟତା ପ୍ରଦାନ କରାଗଲେ, ଏହା ପ୍ରଚଳିତ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକର ଏକ ସଫଳ ପରିପୂରକ ହୋଇପାରିବ।

**ଆଧାର :** ଶର୍ମା ଡି, ସିଂ ଏନ.କେ, ଶ୍ରୀବାସ୍ତବ ପି, ଭାରତୀ ପି.ଏଲ, ପ୍ରକାଶ ଓ, ଗାଭାଲି କେ, ମାତା ଏସ, ଓଝା ଏସ, ମାଝିଜା ଡି, ଶାହୀ ଭି.କେ, ମାନାଥୋଟାଥିଲ ଏ। ଭାରତର ମଧ୍ୟପ୍ରଦେଶସ୍ଥିତ ଗ୍ୱାଲିୟର ଜିଲ୍ଲାର ଅନୁସୂଚିତ ଜାତି ସମ୍ପ୍ରଦାୟର ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜନସାଂଖ୍ୟିକ ପ୍ରୋଫାଇଲ୍ ଉପରେ ଏକ ପର୍ଯ୍ୟବେକ୍ଷଣମୂଳକ କ୍ରସ୍-ସେକ୍ସନାଲ୍ ସର୍ବେକ୍ଷଣ ଅଧ୍ୟୟନ। ଜର୍ଣ୍ଣାଲ୍ ଅଫ୍ ଗବେଷଣା ଇନ୍ ଆୟୁର୍ବେଦିକ ସାଇନ୍ସେସ୍। 2026 ଜାନୁଆରୀ 1; 10(1): 27-36।

**ଆଧାର ଲିଙ୍କ :** (https://journals.lww.com/jras/fulltext/2026/01000/an_observational_cross_sectional_survey_study_on.3.aspx)

## ମର୍ଶ ନସ୍ୟ ଚିକିତ୍ସାର ସୁରକ୍ଷିତ ଏବଂ ମାନକ ପ୍ରୟୋଗ ପାଇଁ 'ଚିକିତ୍ସୀୟ ସମ୍ମତି'ର ଏକ ନୂତନ ଦିଗନ୍ତ

ପାରମ୍ପରିକ ଆୟୁର୍ବେଦ ଚିକିତ୍ସାକୁ ଆଧୁନିକ ଏଭିଡେନ୍ସ-ବେସଡ୍ ପ୍ରାକ୍ଟିସ୍ ସହ ସମନ୍ୱିତ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, ସମ୍ପ୍ରତି ଏକ ଫିଜିବିଲିଟି ଷ୍ଟଡି ମାଧ୍ୟମରେ ଆୟୁର୍ବେଦର ପ୍ରମୁଖ ଚିକିତ୍ସା 'ମର୍ଶ ନସ୍ୟ' ପାଇଁ ଚିକିତ୍ସୀୟ କନସେନସସ୍ ଷ୍ଟେଟମେଣ୍ଟସ୍ ପ୍ରସ୍ତୁତ କରାଯାଇଛି। ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଷ୍ଟାଣ୍ଡାର୍ଡାଇଜଡ୍ ଚିକିତ୍ସୀୟ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ପ୍ରତିଷ୍ଠା କରି ଏହି ଚିକିତ୍ସାର ପ୍ରୟୋଗ, ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଶୈଳୀରେ ପରିବର୍ତ୍ତନ ଆଣିବା। ଏହି ଗବେଷଣାରେ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ 'ରାମ୍/ୟୁସିଏଲ୍‌ଏ ଆପ୍ରୋପ୍ରିଏଟନେସ୍ ମେଥଡ୍ (RAM)' ବ୍ୟବହାର କରାଯାଇଛି। ଏହା ଏକ ସୁସଂଗଠିତ ପଦ୍ଧତି, ଯାହା ବୈଜ୍ଞାନିକ ପ୍ରମାଣ ସହିତ ବିଶେଷଜ୍ଞଙ୍କ ମତାମତକୁ ସମ୍ମିଳିତ କରି ଚିକିତ୍ସା ପ୍ରକ୍ରିୟାର ଉପଯୁକ୍ତତା ନିର୍ଦ୍ଧାରଣ କରିଥାଏ। ଏଥିପାଇଁ 'ପୁରପୋସିଭ୍ ସାମ୍ପ୍ଲିଙ୍ଗ୍' ମାଧ୍ୟମରେ ଭାରତର ବିଭିନ୍ନ ଭୌଗୋଳିକ ଅଞ୍ଚଳରୁ (ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ) ଆୟୁର୍ବେଦ ବିଶେଷଜ୍ଞମାନଙ୍କୁ ନେଇ ଏକ ପ୍ୟାନେଲ୍ ଗଠନ କରାଯାଇଥିଲା। ଏହି ପ୍ୟାନେଲ୍‌ରେ ଚିକିତ୍ସୀୟ ପ୍ରାକ୍ଟିସ୍, ଗବେଷଣା, ଏକାଡେମିକ୍ସ ଏବଂ ପ୍ରଶାସନିକ କ୍ଷେତ୍ରର ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ସାମିଲ କରାଯାଇଥିଲା।

ଉଚ୍ଚକୋଟୀର ଦକ୍ଷତା ବଜାୟ ରଖିବା ପାଇଁ ଏହି ଗବେଷଣାରେ କେବଳ ସେହି ଆୟୁର୍ବେଦ ଚିକିତ୍ସକମାନଙ୍କୁ ଚୟନ କରାଯାଇଥିଲା, ଯେଉଁମାନଙ୍କର 'ମର୍ଶ ନସ୍ୟ' କ୍ଷେତ୍ରରେ ଏକ ଦଶନ୍ଧିରୁ ଅଧିକ ଚିକିତ୍ସୀୟ ଏକ୍ସପିରିଏନ୍ସ ରହିଛି। ଅଧ୍ୟୟନ

ରିପୋର୍ଟ ଅନୁଯାୟୀ, ପ୍ରାଥମିକ ଭାବେ ଯୋଗାଯୋଗ କରାଯାଇଥିବା 13 ଜଣ ବିଶେଷଜ୍ଞଙ୍କ ମଧ୍ୟରୁ 9 ଜଣ ଅଂଶଗ୍ରହଣ ପାଇଁ ସମ୍ମତି ପ୍ରଦାନ କରିଥିଲେ। ଏହି ବିଶେଷଜ୍ଞମାନେ ଶାସ୍ତ୍ରୀୟ ଆୟୁର୍ବେଦ ଗ୍ରନ୍ଥ ଏବଂ ନସ୍ୟ ଚିକିତ୍ସା ସମ୍ବନ୍ଧୀୟ ସମସାମୟିକ ବୈଜ୍ଞାନିକସାହିତ୍ୟ ସୁଦକ୍ଷ ଥିଲେ, ଯାହା 'RAM ଫ୍ରେମୱାର୍କ' ଅଧୀନରେ ସୁପାରିଶ କରାଯାଇଥିବା ପ୍ୟାନେଲ୍ ଆକାର ସହ ସମାନ। ଗବେଷଣା ଟିମ୍ ପକ୍ଷରୁ ଶାସ୍ତ୍ରୀୟ ଆୟୁର୍ବେଦ ସାହିତ୍ୟ, ଆଧୁନିକ ବୈଜ୍ଞାନିକ ଅଧ୍ୟୟନ, ଚିକିତ୍ସକମାନଙ୍କ ମତାମତ ଏବଂ ପ୍ରମୁଖ ଆୟୁର୍ବେଦ ହସ୍ପିଟାଲ୍ ଓ ଶିକ୍ଷା ଅନୁଷ୍ଠାନଗୁଡ଼ିକରୁ ମିଳିଥିବା ସର୍ଭେ ଫାଇଣ୍ଡିଙ୍ଗ୍‌କୁ ନେଇ କ୍ଲିନିକାଲ ସିନାରିଓ ଏବଂ 'ବେଷ୍ଟ ପ୍ରାକ୍ଟିସ୍ ଷ୍ଟେଟମେଣ୍ଟସ୍ (BPSs)' ପ୍ରସ୍ତୁତ କରାଯାଇଥିଲା। ପ୍ରକାଶିତ ତଥ୍ୟର ସୀମିତ ଉପଲବ୍ଧତା ଦୃଷ୍ଟିରୁ, ଏହି ସୁପାରିଶଗୁଡ଼ିକୁ ଚୂଡ଼ାନ୍ତ ରୂପ ଦେବାରେ ବିଶେଷଜ୍ଞମାନଙ୍କର ଅଭିଜ୍ଞତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।



(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ଉତ୍ପନ୍ନ ଚିତ୍ର)

ଗବେଷଣାର ପ୍ରାରମ୍ଭରେ ମୋଟ 75ଟି 'ବେଷ୍ଟ ପ୍ରାକ୍ଟିସ୍ ଷ୍ଟେଟମେଣ୍ଟସ୍ (BPSs)' ପ୍ରସ୍ତାବିତ କରାଯାଇଥିଲା ଓ ଦୁଇଟି ପର୍ଯ୍ୟାୟର 'ଷ୍ଟ୍ରକଚର୍ଡ ଇଭାଲୁଏସନ୍' ପରେ 63ଟି ବିବୃତ୍ତି ଉପରେ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏହି ସମ୍ମତି ସୂଚକ ବିବୃତ୍ତିଗୁଡ଼ିକୁ 6ଟି ମୁଖ୍ୟ ବିଭାଗ ବା 'ଡୋମେନ୍'ରେ ବିଭକ୍ତ କରାଯାଇଛି: ସାଧାରଣ ନିୟମାବଳୀ, ପୂର୍ବକର୍ମ ବା ପ୍ରସ୍ତୁତି, ପ୍ରଧାନ କର୍ମ ବା ମୁଖ୍ୟ ଚିକିତ୍ସା ପ୍ରକ୍ରିୟା, ପଶ୍ଚାତ କର୍ମ ବା ଚିକିତ୍ସା ପରବର୍ତ୍ତୀ ଯତ୍ନ, ମାତ୍ରା ନିର୍ଦ୍ଧାରଣ ଏବଂ ଗୁଣବତ୍ତା ନିଶ୍ଚିତକରଣ। ବିଶେଷଜ୍ଞ ପ୍ୟାନେଲ୍ ମଧ୍ୟରେ ଥିବା ଦୃଢ଼ ସମ୍ମତିକୁ ଆଧାର କରି ଏହି ସମସ୍ତ 63ଟି ବିବୃତ୍ତିକୁ ଚିକିତ୍ସୀୟ ଗାଇଡ୍‌ଲାଇନ୍ସରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଧ ଓ ଉପଯୁକ୍ତ ବୋଲି ବିବେଚନା କରାଯାଇଛି। ଗବେଷକଙ୍କ ଉପସ୍ଥାପନା ଅନୁଯାୟୀ, ଦୁଇଟି ପ୍ରକ୍ରିୟା—ଯଥା ମୁଣ୍ଡର ତାଳୁ ଉପରେ ଔଷଧ ଲଗାଇବା ବା 'ତାଳମ୍' ଏବଂ ମୁଣ୍ଡରେ ଔଷଧୀୟ ଚୂର୍ଣ୍ଣ ମର୍ଦ୍ଦନ କରିବାକୁ ମୁଖ୍ୟ ସୁପାରିଶଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ବିଶେଷଜ୍ଞମାନେ ଏହି ପ୍ରକ୍ରିୟାଗୁଡ଼ିକୁ କେବଳ ଆଞ୍ଚଳିକ ସ୍ତରରେ ପ୍ରଚଳିତ ପଦ୍ଧତି ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ଏବଂ ବ୍ୟାପକ ଚିକିତ୍ସା କ୍ଷେତ୍ରରେ ଏହାର ପ୍ରୟୋଗ ପୂର୍ବରୁ ଅଧିକ 'ଫିଜିବିଲିଟି ଷ୍ଟଡି'ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଗବେଷଣାର ଫଳାଫଳ ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରାମାଣିକିକରଣ ଏବଂ ବୈଜ୍ଞାନିକ ଦସ୍ତାବେଜ ପ୍ରସ୍ତୁତିର ଗୁରୁତ୍ୱକୁ ଦର୍ଶାଉଛି। ଏକ ସୁସଂଗଠିତ ଏବଂ 'କନସେନସସ୍-ଡ୍ରିଭେନ୍ ଫ୍ରେମୱାର୍କ' (ସର୍ବସମ୍ମତି ଭିତ୍ତିକ ବ୍ୟବସ୍ଥା) ପ୍ରତିଷ୍ଠା କରି ଏହି ଅଧ୍ୟୟନ 'ମର୍ଶ ନସ୍ୟ'ର ଚିକିତ୍ସୀୟ ଷ୍ଟାଣ୍ଡାର୍ଡାଇଜେସନ୍ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିଛି। ଏହାଦ୍ୱାରା ଚିକିତ୍ସା ଏବଂ ଶିକ୍ଷାଦାନ କ୍ଷେତ୍ରରେ ଏହି ପଦ୍ଧତିର ବିଶ୍ୱସନୀୟତା ଆହୁରି ବୃଦ୍ଧି ପାଇବ। ବିଶେଷଜ୍ଞମାନଙ୍କ ମତରେ, ଏହି ପ୍ରକ୍ରିୟା ଅନ୍ୟାନ୍ୟ ପଞ୍ଚକର୍ମ ଚିକିତ୍ସା ଓ ଆୟୁର୍ବେଦିକ ପଦ୍ଧତି ପାଇଁ 'ଏଭିଡେନ୍ସ-ଇନଫର୍ମଡ୍ ଗାଇଡ୍‌ଲାଇନ୍ସ' ପ୍ରସ୍ତୁତ କରିବାରେ ଏକ ମଡେଲ୍ ଭାବେ କାର୍ଯ୍ୟ କରିବ।

ଏହି ସୁପାରିଶଗୁଡ଼ିକ ଚିକିତ୍ସକ, ଗବେଷକ, ଛାତ୍ରଛାତ୍ରୀ ଓ ନୀତି ନିର୍ଦ୍ଧାରକଙ୍କ ଭଳି ବିଭିନ୍ନ ହିତଧିକାରୀଙ୍କ ପାଇଁ ଅତ୍ୟନ୍ତ ସହାୟକ ହେବ। ବର୍ତ୍ତମାନ ବିଶ୍ୱସ୍ତରରେ 'ଇଣ୍ଟିଗ୍ରେଟିଭ୍ ମେଡିସିନ୍' (ସମନ୍ୱିତ ଚିକିତ୍ସା) ପ୍ରତି ଆଗ୍ରହ ବଢ଼ୁଥିବା ବେଳେ, ଏଭଳି ପ୍ରୟାସ ପାରମ୍ପରିକ ଜ୍ଞାନ କୌଶଳକୁ ଆଧୁନିକ ସ୍ୱାସ୍ଥ୍ୟସେବା ମାନଦଣ୍ଡ ସହ ଯୋଡ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଆଧାର : ନାୟାର ଡି.ଆର, ଅଶ୍ୱତୀକୁଟ୍ଟୀ ଭି, କୁମାର କେ.ପି, ଲାଇକ୍ ଏସ, ଖଣ୍ଡୁରୀ ଏସ, ଚନ୍ଦ୍ରଶେଖରରାଓ ବି, ଶ୍ରୀକାନ୍ତ ଏନ, ଆଚାର୍ଯ୍ୟ ଆର। ମର୍ଶ ନସ୍ୟ ଉପରେ ଚିକିତ୍ସୀୟ ସମ୍ମତି ସୂଚକ ବିବୃତ୍ତି– ଆୟୁର୍ବେଦର ଚିକିତ୍ସା ପଦ୍ଧତି ପାଇଁ ଚିକିତ୍ସୀୟ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ପ୍ରସ୍ତୁତି ଦିଗରେ ଏକ ସମ୍ଭାବ୍ୟତା ଅଧ୍ୟୟନ (ଫିଜିବିଲିଟି ଷ୍ଟଡି)। ଜର୍ଣ୍ଣାଲ୍ ଅଫ୍ ଆୟୁର୍ବେଦ ଆଣ୍ଡ ଇଣ୍ଟିଗ୍ରେଟିଭ୍ ମେଡିସିନ୍। 2026 ମାର୍ଚ୍ଚ 1; 17(2): 101298।

ଆଧାର ଲିଙ୍କ: https://www.sciencedirect.com/science/article/pii/S0975947625001743

## ଅସ୍ଥି ଓ ମାଂସପେଶୀ ରୋଗର ଚିକିତ୍ସାରେ ବ୍ୟବହୃତ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର ସୁରକ୍ଷିତ ପ୍ରୟୋଗ ଉପରେ ଏକ ରିପୋର୍ଟ

କୋଲକାତାସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ (CARI) ର ଗବେଷକମାନଙ୍କ ଏକ ଅଧ୍ୟୟନରୁ ଆୟୁର୍ବେଦିକ ଔଷଧ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର ନିରାପତ୍ତା ସମ୍ବନ୍ଧରେ ସକାରାତ୍ମକ ପ୍ରମାଣ ମିଳିଛି। ଏହି ରିପୋର୍ଟ ଗଣ୍ଠି ଏବଂ ମାଂସପେଶୀ ଜନିତ ରୋଗରେ ଏହି ଔଷଧର ଚିକିତ୍ସୀୟ ବ୍ୟବହାରକୁ ଆହୁରି ବିଶ୍ୱାସଯୋଗ୍ୟ କରିଛି। ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ ହେଉଛି ଏକ ଶାସ୍ତ୍ରୀୟ ଆୟୁର୍ବେଦିକ ଫର୍ମୁଲେସନ୍, ଯାହା ସାଧାରଣତଃ ଗଣ୍ଠି ଯନ୍ତ୍ରଣା, କଠିନତା ଏବଂ ଫୁଲା ପାଇଁ ଦିଆଯାଇଥାଏ। ଏହି ଔଷଧଟି ଅଶ୍ୱଗନ୍ଧା, ଗୁଡୁଚି, ଶୁଣ୍ଠୀ ଏବଂ ଗୁଗ୍‌ଗୁଲୁ ଭଳି ପ୍ରତିଷ୍ଠିତ ଜଡ଼ିବୁଟି ସହିତ ଗାଈ ଘିଅ ଏବଂ ଅନ୍ୟାନ୍ୟ ଉପାଦାନର ସମନ୍ୱୟରେ ପ୍ରସ୍ତୁତ କରାଯାଇଥାଏ। ଆୟୁର୍ବେଦରେ ଏହି ଜଡ଼ିବୁଟିଗୁଡ଼ିକ ଶରୀରର ଫୁଲା ହ୍ରାସ କରିବା ଏବଂ ଗଣ୍ଠିର ସାମଗ୍ରିକ ସ୍ୱାସ୍ଥ୍ୟ ରକ୍ଷା କରିବା ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ।

ଅଧ୍ୟୟନ ଅନୁଯାୟୀ, ଏହି ଔଷଧର ନିରାପତ୍ତା ଯାଞ୍ଚ କରିବା ପାଇଁ ପ୍ରଥମେ ଏକ 'ଆକ୍ୟୁଟ୍ ଓରାଲ୍ ଟକ୍ସିସିଟି' ମୂଲ୍ୟାଙ୍କନ କରାଯାଇଥିଲା। ଏହି ପରୀକ୍ଷଣରେ ପରୀକ୍ଷାମୂଳକ ମୂଷାମାନଙ୍କୁ ଶରୀରର ଓଜନ ଅନୁସାରେ କିଲୋଗ୍ରାମ ପ୍ରତି 2000 ମିଲିଗ୍ରାମର ଏକ ଉଚ୍ଚ ମାତ୍ରା (Single high dose) ପ୍ରଦାନ କରାଯାଇଥିଲା। ଏହାପରେ କୌଣସି ତତ୍କାଳିକ ବିଷାକ୍ତ ପ୍ରଭାବ ବା 'ଟକ୍ସିକ୍ ମାନିଫେଷ୍ଟେସନ୍' ଚିହ୍ନଟ କରିବା ପାଇଁ ସେମାନଙ୍କୁ 14 ଦିନ ପର୍ଯ୍ୟନ୍ତ ନିରନ୍ତର ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା। ଏହି ପର୍ଯ୍ୟବେକ୍ଷଣ ସମୟରେ କୌଣସି ମୂଷାର ମୃତ୍ୟୁ ଘଟି ନଥିଲା କିମ୍ବା ଚିକିତ୍ସା ସମ୍ବନ୍ଧୀୟ କୌଣସି ପ୍ରତିକୂଳ ପ୍ରଭାବ ଦେଖାଯାଇ ନଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ, ପରୀକ୍ଷା କରାଯାଇଥିବା ମାତ୍ରାରେ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର ଏକ ଅନୁକୂଳ ସୁରକ୍ଷା ପ୍ରୋଫାଇଲ୍ ରହିଛି।

ଏହା ପରେ ଏକ 90-ଦିନିଆ 'ସବ୍-କ୍ରୋନିକ୍ ରିପିଟେଡ୍-ଡୋଜ୍ ଓରାଲ୍ ଟକ୍ସିସିଟି' ଅଧ୍ୟୟନ କରାଯାଇଥିଲା। ଏହି ପରୀକ୍ଷଣରେ ଔଷଧକୁ ଶରୀରର ଓଜନ ଅନୁସାରେ କିଲୋଗ୍ରାମ ପ୍ରତି 250, 500 ଏବଂ 1000 ମିଲିଗ୍ରାମର ବିଭିନ୍ନ ମାତ୍ରାରେ ପ୍ରଦାନ କରାଯାଇଥିଲା। ସମ୍ପୂର୍ଣ୍ଣ ଅଧ୍ୟୟନ ଅବଧି ମଧ୍ୟରେ, ମୂଷାମାନଙ୍କର ଖାଦ୍ୟ ଓ ଜଳ ଗ୍ରହଣ, ରକ୍ତ କଣିକା ସମ୍ବନ୍ଧୀୟ 'ହେମାଟୋଲୋଜିକାଲ୍ ପାରାମିଟର' ଏବଂ ଜୈବ-ରାସାୟନିକ ବା

'ବାୟୋକେମିକାଲ୍ ଇଣ୍ଡିସେସ୍' ପରିବର୍ତ୍ତନ ଉପରେ ସୂକ୍ଷ୍ମ ନଜର ରଖାଯାଇଥିଲା। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଔଷଧର ମାତ୍ରା ବୃଦ୍ଧି ସତ୍ତ୍ୱେ ଶରୀରର କୌଣସି ଶାରୀରିକ, ରକ୍ତ ସମ୍ବନ୍ଧୀୟ କିମ୍ବା ଜୈବ-ରାସାୟନିକ ପ୍ରକ୍ରିୟାରେ କୌଣସି ନକାରାତ୍ମକ ପରିବର୍ତ୍ତନ ଦେଖାଯାଇ ନାହିଁ। ଏହି ଫଳାଫଳ ସୂଚାଉଛି ଯେ, ପରୀକ୍ଷାମୂଳକ ପରିସ୍ଥିତିରେ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର କୌଣସି 'ସିଷ୍ଟମିକ୍ ଟକ୍ସିସିଟି' ବା ଆଭ୍ୟନ୍ତରୀଣ ବିଷାକ୍ତ ପ୍ରଭାବ ନାହିଁ।




**(ଏଆଇ-ଦ୍ୱାରା ପ୍ରସ୍ତୁତ ଛବି)**

ଏହି ସମସ୍ତ ପର୍ଯ୍ୟବେକ୍ଷଣକୁ ଆଧାର କରି, ୯0-ଦିନିଆ 'ରିପିଟେଡ୍-ଡୋଜ୍' ଅଧ୍ୟୟନରେ 'ନୋ ଅବଜର୍ଭଡ୍ ଆଡଭର୍ସ ଇଫେକ୍ଟ ଲେଭଲ୍' (NOAEL) ଶରୀରର ଓଜନ ଅନୁସାରେ କିଲୋଗ୍ରାମ ପ୍ରତି 1000 ମିଲିଗ୍ରାମ ନିର୍ଦ୍ଧାରିତ କରାଯାଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ପରୀକ୍ଷାମୂଳକ ମଡେଲରେ ଦୀର୍ଘ ସମୟ ଧରି ଏହି ମାତ୍ରାରେ ଔଷଧ ପ୍ରୟୋଗ କରାଗଲେ ମଧ୍ୟ କୌଣସି ପ୍ରତିକୂଳ ପ୍ରଭାବ ଦେଖାଯାଏ ନାହିଁ।

ଟ୍ରାନ୍ସଲେସନାଲ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଏହା ମନେ ରଖିବା ଉଚିତ୍ ଯେ, NOAEL କେବଳ ଏକ 'ଟକ୍ସିକୋଲୋଜିକାଲ୍ ରେଫରେନ୍ସ ପଏଣ୍ଟ' (ବିଷାକ୍ତତା ମାପକ) ଭାବେ କାର୍ଯ୍ୟ କରେ ଓ ଏହା ମଣିଷଙ୍କ ପାଇଁ ସିଧାସଳଖ ପ୍ରୟୋଗ ହେଉଥିବା ମାତ୍ରା ନୁହେଁ। ସାଧାରଣତଃ 'ରିସ୍କ ଆସେସମେଣ୍ଟ' ପ୍ରକ୍ରିୟାରେ କିଛି 'ସେଫ୍ଟି ଫ୍ୟାକ୍ଟର' ବ୍ୟବହାର କରାଯାଇ ପ୍ରାଣୀମାନଙ୍କ ତଥ୍ୟକୁ ମଣିଷଙ୍କ ପାଇଁ ସୁରକ୍ଷିତ ମାତ୍ରାରେ ପରିବର୍ତ୍ତନ କରାଯାଇଥାଏ, ଯାହା ସାଧାରଣତଃ ପ୍ରାଣୀଙ୍କ ଉପରେ କରାଯାଇଥିବା ପରୀକ୍ଷାମୂଳକ ମାତ୍ରା ତୁଳନାରେ ଯଥେଷ୍ଟ କମ୍ ହୋଇଥାଏ। ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ କ୍ଷେତ୍ରରେ ଏହି ଫଳାଫଳ ସୂଚାଉଛି ଯେ, ଆୟୁର୍ବେଦ ଚିକିତ୍ସାରେ ସାଧାରଣତଃ ପରାମର୍ଶ ଦିଆଯାଉଥିବା ଔଷଧର ମାତ୍ରା ସମ୍ପୂର୍ଣ୍ଣ ରୂପେ ନିରାପଦ ସୀମା ବା 'ସେଫ୍ଟି ମାର୍ଜିନ୍' ମଧ୍ୟରେ ରହିଛି।

ଗବେଷକମାନଙ୍କ ନିଷ୍କର୍ଷ ଅନୁଯାୟୀ, ଏହି ଅଧ୍ୟୟନ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର ନିରାପତ୍ତା ବା 'ସେଫ୍ଟି ପ୍ରୋଫାଇଲ୍' ସମ୍ବନ୍ଧରେ ଦୃଢ଼ ପରୀକ୍ଷାମୂଳକ ପ୍ରମାଣ ପ୍ରଦାନ କରୁଛି। ତେବେ ସେମାନେ ଏହା ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ, ଏହାର ପ୍ରୟୋଗ ସର୍ବଦା ଜଣେ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ହେବା ଆବଶ୍ୟକ। ବିନା ପରାମର୍ଶରେ ଔଷଧର ମାତ୍ରା ବଢ଼ାଇବା କିମ୍ବା ନିଜେ ନିଜେ ଔଷଧ ସେବନ କରିବା ଅନୁଚିତ। ଏହି ଗବେଷଣା ପାରମ୍ପରିକ ଆୟୁର୍ବେଦିକ ଫର୍ମୁଲେସନ୍‌ଗୁଡ଼ିକର ବୈଜ୍ଞାନିକ ପ୍ରାମାଣିକିକରଣରେ ବିଶେଷ ସହାୟକ ହେବ। ବିଶେଷକରି ମାଂସପେଶୀ ଏବଂ ହାଡ଼ ସମ୍ବନ୍ଧୀୟ ରୋଗର ଚିକିତ୍ସା କ୍ଷେତ୍ରରେ, ଏଭଳି ଅଧ୍ୟୟନ ଆୟୁର୍ବେଦକୁ ଆଧୁନିକ 'ଏଭିଡେନ୍ସ-ବେସଡ୍' ବା ପ୍ରମାଣ ଭିତ୍ତିକ ଚିକିତ୍ସା ପଦ୍ଧତିରେ ସାମିଲ କରିବା ପାଇଁ ବାଟ ପ୍ରଶସ୍ତ କରିବ।

ଆଧାର : ବୋରା ଏମ, ସିହ୍ନା ବି.ଏମ, ଗୌତମ ଏମ.କେ, ଗାଇଧାନେ ଏସ.ଏନ, ଉପାଧ୍ୟାୟ ଏସ. ଏନ, ଜମଦଗ୍ନି ଏସ.ବି, ଦୀକ୍ଷିତ ଏକେ। ପରୀକ୍ଷାମୂଳକ ପ୍ରାଣୀଙ୍କ ଉପରେ ଶାସ୍ତ୍ରୀୟ ଆୟୁର୍ବେଦିକ ଫର୍ମୁଲେସନ୍ 'ତ୍ରୟୋଦଶାଙ୍ଗ ଗୁଗ୍‌ଗୁଲୁ'ର ବିଷାକ୍ତତା ଅଧ୍ୟୟନ। ଟକ୍ସିକୋଲୋଜି ଇଣ୍ଟରନ୍ୟାସନାଲ। 2023; 30(2): 131-8।

ଆଧାର ଲିଙ୍କ୍ : (https://informaticsjournals.co.in/index.php/toxi/article/view/30617/22332)

## ଚିକିତ୍ସୀୟ ଅଧ୍ୟୟନରେ ଡିଜିଟାଲ୍ ଆଇ ଫାଟିଗ୍ ପରିଚାଳନାରେ ଆୟୁର୍ବେଦର ଭୂମିକା ଉପରେ ଆଲୋକପାତ

ଆଜିର ଡିଜିଟାଲ୍ ଯୁଗରେ ଅନେକ ଲୋକ କମ୍ପ୍ୟୁଟର ସ୍କ୍ରିନ୍, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ଉପକରଣ ବ୍ୟବହାର କରିବାରେ ଦୀର୍ଘ ସମୟ ବିତାଉଛନ୍ତି। ଫଳସ୍ୱରୂପ, ଅଧିକରୁ ଅଧିକ ବ୍ୟକ୍ତି 'କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ' (CVS) ବା 'ଡିଜିଟାଲ୍ ଆଇ ଷ୍ଟ୍ରେନ୍'ରେ ପୀଡ଼ିତ ହେଉଛନ୍ତି। ଏହି କାରଣରୁ ଆଖି ଶୁଖିଯିବା ବା ପୋଡ଼ିବା, ଆଖି ଲାଲ୍ ପଡ଼ିବା, ଅସ୍ପଷ୍ଟ ବା ଗୋଟିଏ ଜିନିଷ ଦୁଇଟି ଦେଖାଯିବା, ଆଖି କ୍ଳାନ୍ତ ହେବା, ମୁଣ୍ଡବିନ୍ଧା, ଆଲୋକ ପ୍ରତି ଅସହନଶୀଳତା, ଆଖିରୁ ଅତ୍ୟଧିକ ଲୁହ ବୋହିବା ଏବଂ ଏପରିକି ବେକ, କାନ୍ଧ ଓ ପିଠିରେ ଯନ୍ତ୍ରଣା ଭଳି ଅସ୍ୱାଭାବିକ ଲକ୍ଷଣମାନ ଦେଖାଯାଉଛି।

ସ୍କ୍ରିନ୍-ସମ୍ବନ୍ଧୀୟ ଚକ୍ଷୁ ସମସ୍ୟାର ଦ୍ରୁତ ବୃଦ୍ଧିକୁ ଦୃଷ୍ଟିରେ ରଖି, ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ହୃଦ୍-ରୋଗ ଅନୁସନ୍ଧାନ ସଂସ୍ଥାନର ଗବେଷକମାନେ ଏକ ଚିକିତ୍ସୀୟ ଷ୍ଟଡିରୁ ଉତ୍ସାହଜନକ ଫଳାଫଳ ପ୍ରଦାନ କରିଛନ୍ତି। ଏହି ଅଧ୍ୟୟନରେ ଦୀର୍ଘ ସମୟ ଧରି ଡିଜିଟାଲ୍ ଉପକରଣ ବ୍ୟବହାର ଦ୍ୱାରା ସୃଷ୍ଟ 'କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍'ର ପରିଚାଳନା କ୍ଷେତ୍ରରେ ଆୟୁର୍ବେଦିକ ଚିକିତ୍ସାର ପ୍ରଭାବ ସମ୍ବନ୍ଧରେ ମୂଲ୍ୟାଙ୍କନ କରାଯାଇଛି।

କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅଧୀନରେ ଚକ୍ଷୁ ଏବଂ ଅଣ-ଚକ୍ଷୁ ସମ୍ବନ୍ଧୀୟ ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ; ଯଥା - ଆଖି ଶୁଖିଯିବା, ପୋଡ଼ାଜଳା ହେବା, ଆଖି ଲାଲ୍ ପଡ଼ିବା, ଅସ୍ପଷ୍ଟ ବା ଦ୍ୱୈତ ଦୃଷ୍ଟିଶକ୍ତି, ଚକ୍ଷୁ ଅବସାଦ, ମୁଣ୍ଡବିନ୍ଧା, ଆଲୋକ ପ୍ରତି ଅସହନଶୀଳତା, ଆଖିରୁ ଅତ୍ୟଧିକ ଲୁହ ବୋହିବା ଏବଂ ବେକ, କାନ୍ଧ ଓ ପିଠିରେ ମାଂସପେଶୀ ଜନିତ ଯନ୍ତ୍ରଣା। ଏହି ସମସ୍ୟାର ଦ୍ରୁତ ବୃଦ୍ଧି ଓ ଏକ ନିରାପଦ ତଥା ସ୍ଥାୟୀ ସମାଧାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଗବେଷକମାନେ ଶାସ୍ତ୍ରୀୟ ଆୟୁର୍ବେଦିକ ଚିକିତ୍ସାର ପ୍ରଭାବ ପରୀକ୍ଷା କରିବା ପାଇଁ ଏକ ଚିକିତ୍ସୀୟ ଷ୍ଟଡି ପ୍ରସ୍ତୁତ କରିଛନ୍ତି।

ଏହି ଅଧ୍ୟୟନରେ ମୋଟ 62 ଜଣ ରୋଗୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା ଓ ପରିସଂଖ୍ୟାନ ବିଶ୍ଳେଷଣ ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କ ତଥ୍ୟ ବ୍ୟବହାର କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଅଧିକାଂଶ ଯୁବ ବର୍ଗର ଥିଲେ; ଯେଉଁଥିରେ 25–30 ବର୍ଷ ବୟସ୍କଙ୍କ ସଂଖ୍ୟା 40.32% ଏବଂ 19–24 ବର୍ଷ ବୟସ୍କଙ୍କ ସଂଖ୍ୟା 38.71% ଥିଲା। ମୋଟ ରୋଗୀଙ୍କ ମଧ୍ୟରୁ 70.97% ପୁରୁଷ ଥିବାବେଳେ, ପ୍ରାୟ 61.3% ବ୍ୟକ୍ତି ଡେସ୍କ-ଭିତ୍ତିକ ଚାକିରିରେ ନିୟୋଜିତ ଥିଲେ, ଯାହା ସେମାନଙ୍କର ଅତ୍ୟଧିକ 'ସ୍କ୍ରିନ୍ ଏକ୍ସପୋଜର' ବା କମ୍ପ୍ୟୁଟର-ମୋବାଇଲର ବହୁଳ ବ୍ୟବହାରକୁ ଦର୍ଶାଉଛି।

ଏହି ଚିକିତ୍ସୀୟ ଷ୍ଟଡିରେ ରୋଗୀମାନଙ୍କୁ ଦିନକୁ ଦୁଇଥର ଖାଇବା ପୂର୍ବରୁ 3-5 ଗ୍ରାମ ମାତ୍ରାରେ 'ହିଙ୍ଗ୍ୱଷ୍ଟକ ଚୂର୍ଣ୍ଣ' ଲଗାତାର ତିନି ଦିନ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା। ଏହାପରେ ବିରେଚନ (ଶରୀରରୁ ବିଷାକ୍ତ ଦ୍ରବ୍ୟ ନିଷ୍କାସନ) ପାଇଁ ଶୋଇବା ସମୟରେ ଉଷୁମ ପାଣି ସହିତ 5 ଗ୍ରାମ 'ଅବିପତ୍ତିକର ଚୂର୍ଣ୍ଣ' ଦିଆଯାଇଥିଲା। ପ୍ରଥମ 7 ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଉଭୟ ନାସାରନ୍ଧ୍ରରେ 8 ବୁନ୍ଦା କରି 'ଅଣୁ ତୈଳ' ମାଧ୍ୟମରେ 'ନସ୍ୟ' ଚିକିତ୍ସା କରାଯାଇଥିଲା। ମହାତ୍ରିଫଳାଦ୍ୟ ଘୃତ' ବ୍ୟବହାର କରି ଲଗାତାର 3 ଦିନ ଧରି ସକାଳେ 'ଅକ୍ଷି ତର୍ପଣ' କରାଯାଇଥିଲା ଏବଂ 15 ଦିନର ବ୍ୟବଧାନ ପରେ ଏହାର ପୁନରାବୃତ୍ତି କରାଯାଇଥିଲା (8-10 ଦିନ ଏବଂ 26-28 ଦିନ)। ଏହା ସହିତ ପ୍ରଥମ ଦିନରୁ ଲଗାତାର 42 ଦିନ ପର୍ଯ୍ୟନ୍ତ ଦିନକୁ ଦୁଇଥର (ଥରେ ସକାଳେ ଖାଲି ପେଟରେ ଏବଂ ଥରେ ସନ୍ଧ୍ୟା ଖାଇବାର 3 ଘଣ୍ଟା ପୂର୍ବରୁ) 5 ମିଲିଲିଟର ମାତ୍ରାରେ 'ମହାତ୍ରିଫଳାଦ୍ୟ ଘୃତ' ସେବନ କରିବାକୁ ଦିଆଯାଇଥିଲା।




(ଏଆଇ-ଉତ୍ପନ୍ନ ଚିତ୍ର)

ଚିକିତ୍ସୀୟ ସ୍କ୍ରିନିଂ ଏବଂ ରୋଗୀଙ୍କ ଲିଖିତ ସମ୍ମତି ପରେ, ଅଂଶଗ୍ରହଣକାରୀଙ୍କୁ ଏକ ବହୁମୁଖୀ ଚିକିତ୍ସା ପଦ୍ଧତି ମାଧ୍ୟମରେ ଚିକିତ୍ସା କରାଯାଇଥିଲା। ଏଥିରେ ସାତ ଦିନ ପର୍ଯ୍ୟନ୍ତ ନାସିକା ମାର୍ଗରେ 'ଅଣୁ ତୈଳ' ପ୍ରୟୋଗ କରି 'ନସ୍ୟ' ଚିକିତ୍ସା ଏବଂ ଲଗାତାର ତିନି ଦିନ ପର୍ଯ୍ୟନ୍ତ 'ମହାତ୍ରିଫଳାଦ୍ୟ ଘୃତ' ବ୍ୟବହାର କରି 'ଅକ୍ଷି ତର୍ପଣ' କରାଯାଇଥିଲା, ଯାହାର 15 ଦିନର ବ୍ୟବଧାନ ପରେ ପୁନରାବୃତ୍ତି କରାଯାଇଥିଲା। ଏହା ସହିତ 42 ଦିନ ପର୍ଯ୍ୟନ୍ତ ଉଷୁମ ପାଣି ସହ ଦିନକୁ ଦୁଇଥର 'ମହାତ୍ରିଫଳାଦ୍ୟ ଘୃତ' ସେବନ କରିବାକୁ ପରାମର୍ଶ ଦିଆଯାଇଥିଲା।

ଚିକିତ୍ସୀୟ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ, ଡିଜିଟାଲ୍ ଆଇ ଷ୍ଟ୍ରେନ୍ ସମ୍ବନ୍ଧୀୟ ମୁଖ୍ୟ ସମସ୍ୟାଗୁଡ଼ିକରେ ପରିସଂଖ୍ୟାନଗତ ଭାବେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ପରିଲକ୍ଷିତ ହୋଇଛି। 'ପେୟାର୍ଡ ଟି-ଟେଷ୍ଟ' ମାଧ୍ୟମରେ କରାଯାଇଥିବା ବିଶ୍ଳେଷଣରୁ ସମସ୍ତ ପର୍ଯ୍ୟାୟରେ (8ମ, 26ତମ ଏବଂ 42ତମ ଦିନ) ଏବଂ 56ତମ ଦିନର ଅନୁସରଣ ସମୟରେ ଅତ୍ୟନ୍ତ ସକାରାତ୍ମକ ଫଳାଫଳ ($p < 0.001$) ମିଳିଛି। ବିଶେଷ କରି ଆଖି ଶୁଖିଯିବା, ଜଳାପୋଡ଼ା ହେବା ଏବଂ ଅତ୍ୟଧିକ ଲୁହ ବୋହିବା ଭଳି ଲକ୍ଷଣଗୁଡ଼ିକରେ 8ମ ଦିନରୁ ହିଁ ଉଲ୍ଲେଖନୀୟ ସଫଳତା ଦେଖାଯାଇଥିଲା। ତେବେ ଆଖି ଲାଲ୍ ପଡ଼ିବା ସମସ୍ୟାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଜଣାପଡ଼ି ନଥିଲା। ଅଂଶଗ୍ରହଣକାରୀମାନେ ଚକ୍ଷୁ ଅବସାଦ, ମୁଣ୍ଡବିନ୍ଧା, ଅସ୍ପଷ୍ଟ ଦୃଷ୍ଟିଶକ୍ତି ଏବଂ ଆଖି ପୋଡ଼ିବା ଭଳି ସମସ୍ୟାରୁ ବହୁ ପରିମାଣରେ ମୁକ୍ତି ପାଇଥିବା ଜଣାଇଛନ୍ତି; କେତେକ ବ୍ୟକ୍ତି ଚିକିତ୍ସାର ପ୍ରଥମ ସପ୍ତାହ ମଧ୍ୟରେ ହିଁ ଆରାମ ଅନୁଭବ କରିଥିଲେ। ଏହା ସହିତ ଆଖିର 'ଟିୟର ଫିଲ୍ମ' ବା ଲୁହର ସ୍ଥିରତାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି, ଯାହା ଆଖିର ଉପରିଭାଗର ସ୍ୱାସ୍ଥ୍ୟ ବୃଦ୍ଧିକୁ ସୂଚାଉଛି।

ଚିକିତ୍ସା ଶେଷ ହେବାର ଦୁଇ ସପ୍ତାହ ପରେ କରାଯାଇଥିବା ଅନୁସରଣରୁ ଜଣାପଡ଼ିଛି ଯେ, ରୋଗୀମାନେ ଏହାର ନିରନ୍ତର ଲାଭ ପାଉଛନ୍ତି, ଯାହା ଏହି ଚିକିତ୍ସା ପଦ୍ଧତିର ଦୀର୍ଘକାଳୀନ ପ୍ରଭାବକୁ ସୂଚାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମ୍ପୂର୍ଣ୍ଣ ଅଧ୍ୟୟନ ସମୟରେ ଔଷଧର କୌଣସି ପ୍ରତିକୂଳ ପ୍ରତିକ୍ରିୟା ବା ନିରାପତ୍ତା ସମ୍ବନ୍ଧୀୟ ସମସ୍ୟା ଦେଖାଯାଇ ନାହିଁ, ଯାହା ଏହି ଚିକିତ୍ସାର ସହନଶୀଳତାକୁ ପ୍ରମାଣିତ କରୁଛି। ଗବେଷକମାନେ ଏହି ନିଷ୍କର୍ଷରେ ଉପନୀତ ହୋଇଛନ୍ତି ଯେ, ଆୟୁର୍ବେଦିକ ଚିକିତ୍ସା, ବିଶେଷ କରି ଅଣୁ ତୈଳ ଦ୍ୱାରା 'ନସ୍ୟ' ଏବଂ ମହାତ୍ରିଫଳାଦ୍ୟ ଘୃତ ଦ୍ୱାରା 'ଅକ୍ଷି ଚିକିତ୍ସା', ଡିଜିଟାଲ୍ ଆଇ ଷ୍ଟ୍ରେନ୍ ପରିଚାଳନା ପାଇଁ ଏକ ନିରାପଦ ଏବଂ ପ୍ରଭାବଶାଳୀ ପରିପୂରକ ପନ୍ଥା ହୋଇପାରିବ। ଏହି ଅଧ୍ୟୟନ ଆଜିର ଡିଜିଟାଲ୍ ଯୁଗରେ ଜୀବନଶୈଳୀ ଜନିତ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ଚିକିତ୍ସା ବିଜ୍ଞାନକୁ ଆଧୁନିକ ଚିକିତ୍ସା ପଦ୍ଧତି ସହ ସମନ୍ୱିତ କରିବାର ଗୁରୁତ୍ୱକୁ ଦର୍ଶାଉଛି।


ଆଧାର : ମଖିଜା ଡି, ଦୁଆ ଏମ, ଓଟା ଏସ, ଯାଦବ ଏନ, ବେଦୀ ଏସକେ, ଭାରତୀ, ଶର୍ମା ବିଏସ, ଖଣ୍ଡୁରୀ ଏସ, ରଣା ଆର, ସିଂଘଲ ଆର, ଶ୍ରୀକାନ୍ତ ଏନ, ଧିମାନ କେଏସ। କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପରିଚାଳନାରେ 'ମହାତ୍ରିଫଳାଦ୍ୟ ଘୃତ' ଏବଂ 'ଅଣୁ ତୈଳ ନସ୍ୟ'ର ପ୍ରଭାବର ଚିକିତ୍ସୀୟ ମୂଲ୍ୟାଙ୍କନ। ଜର୍ଣ୍ଣାଲ୍ ଅଫ୍ ଗବେଷଣା ଇନ୍ ଆୟୁର୍ବେଦିକ ସାଇନ୍ସେସ୍ 2018; 2(3): 156-163।

ଆଧାର ଲିଙ୍କ : (https://journals.lww.com/jras/abstract/2018/02030/clinical_evaluation_of_efficacy_of_mahatriphaladya.2.aspx)


## ମାଇଗ୍ରେନ୍ ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ଦେବାରେ ଆୟୁର୍ବେଦ 'ଅଗ୍ନିକର୍ମ' ଚିକିତ୍ସାର ପ୍ରଭାବ ଉପରେ ଏକ ବିଶେଷ କେସ୍ ଷ୍ଟଡି

ମାଇଗ୍ରେନ୍ ବା ଅଧକପାଳି ହେଉଛି ଏକ ଜଟିଳ ସ୍ନାୟୁଗତ ସମସ୍ୟା, ଯାହା ସାଧାରଣ ମୁଣ୍ଡବିନ୍ଧାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏହା ସାରା ବିଶ୍ୱରେ ଜନସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ମୁଣ୍ଡର ଗୋଟିଏ ପାର୍ଶ୍ୱରେ ପ୍ରବଳ ଯନ୍ତ୍ରଣା, ବାନ୍ତି ଲାଗିବା ଏବଂ ଆଲୋକ ଓ ଶବ୍ଦ ପ୍ରତି ଅତ୍ୟଧିକ ଅସହନଶୀଳତା ଏହାର ମୁଖ୍ୟ ଲକ୍ଷଣ। ଯଦିଓ ବର୍ତ୍ତମାନ ଏଲୋପାଥିରେ ବିଭିନ୍ନ ଯନ୍ତ୍ରଣା ନିବାରକ ଔଷଧ ଉପଲବ୍ଧ, ତଥାପି ଅନେକ ରୋଗୀ ଏଥିରୁ ସନ୍ତୋଷଜନକ ଆରାମ ପାଆନ୍ତି ନାହିଁ କିମ୍ବା ବାରମ୍ବାର ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହୁଅନ୍ତି। ଏହି ପରିପ୍ରେକ୍ଷୀରେ, ଏକ ସାମ୍ପ୍ରତିକ ଚିକିତ୍ସୀୟ କେସ୍ ରିପୋର୍ଟ ଆୟୁର୍ବେଦର ପ୍ରାଚୀନ 'ଅଗ୍ନିକର୍ମ' ପଦ୍ଧତି ଉପରେ ଆଲୋକପାତ କରିଛି। ଏହି ପଦ୍ଧତିରେ ଏକ ବିଶେଷ ଧାତବ ଶଳାକା (Shalaka) କୁ ଗରମ କରି ଶରୀରର ନିର୍ଦ୍ଦିଷ୍ଟ ସ୍ଥାନରେ ସାମାନ୍ୟ ସ୍ପର୍ଶ କରାଯାଇ ତାପ-ଭିତ୍ତିକ ଚିକିତ୍ସା ପ୍ରଦାନ କରାଯାଏ। ପାରମ୍ପରିକ ଭାବେ ଆୟୁର୍ବେଦରେ ଏହାକୁ ହାଡ଼ ଓ ମାଂସପେଶୀର ଯନ୍ତ୍ରଣା ପାଇଁ ବ୍ୟବହାର କରାଯାଉଥିବା ବେଳେ, ଏବେ ଅଧକପାଳିର ତୀବ୍ର ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ପାଇଁ ଏହା ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଉଭା ହୋଇଛି।

ଏହି ରିପୋର୍ଟରେ ଜଣେ 58 ବର୍ଷୀୟା ମହିଳାଙ୍କ କେସ୍ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି, ଯିଏକି ଦୀର୍ଘ 10 ବର୍ଷ ଧରି ମାଇଗ୍ରେନ୍ ସମସ୍ୟାରେ ପୀଡ଼ିତ ଥିଲେ। ସେ ଯେତେବେଳେ ଚିକିତ୍ସା ପାଇଁ ଆସିଥିଲେ, ସେତେବେଳେ ସେ ତିନି ଦିନ ଧରି ତୀବ୍ର ଯନ୍ତ୍ରଣାର ସମ୍ମୁଖୀନ ହେଉଥିଲେ ଏବଂ ସାଧାରଣ ଯନ୍ତ୍ରଣା ନିବାରକ ଔଷଧ ଦ୍ୱାରା ତାଙ୍କୁ କୌଣସି ଆରାମ ମିଳୁନଥିଲା। ତାଙ୍କର ଯନ୍ତ୍ରଣା ସ୍ତର 10/10 ରହିଥିଲା। ଚିକିତ୍ସକମାନେ ତାଙ୍କ ମୁଣ୍ଡର ଡାହାଣ ପାର୍ଶ୍ୱରେ ଯେଉଁଠାରେ ସବୁଠାରୁ ଅଧିକ ଯନ୍ତ୍ରଣା ହେଉଥିଲା, ସେଠାରେ 'ଅଗ୍ନିକର୍ମ' ପ୍ରୟୋଗ କରିଥିଲେ। ରିପୋର୍ଟ ଅନୁଯାୟୀ, ଏହି ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଏବଂ ତତ୍କାଳ ଫଳାଫଳ ମିଳିଥିଲା। ମାତ୍ର 2 ମିନିଟ୍ ମଧ୍ୟରେ

ରୋଗୀଙ୍କର ତୀବ୍ର ମୁଣ୍ଡବିନ୍ଧା କମିବାକୁ ଲାଗିଲା ଏବଂ 5 ମିନିଟ୍ ମଧ୍ୟରେ ତାଙ୍କର ଯନ୍ତ୍ରଣା ସ୍ତର ଶୂନ୍ୟକୁ ଖସି ଆସିଥିଲା। ଏହା ସହିତ ସେ ଆଲୋକ ପ୍ରତି ଅସହନଶୀଳତାରୁ ମୁକ୍ତି ପାଇଲେ ଏବଂ ବିନା କୌଣସି ଯନ୍ତ୍ରଣାରେ ଆଖି ଖୋଲିବାରେ ସକ୍ଷମ ହେଲେ।



ଚିତ୍ର ଉତ୍ସ : https://pmc.ncbi.nlm.nih.gov/articles/PMC11282372

ଏହି ଚିକିତ୍ସା ପଦ୍ଧତିକୁ ରୋଗୀ ସହଜରେ ସହ୍ୟ କରିପାରିଥିଲେ ଏବଂ ପ୍ରୟୋଗ କରାଯାଇଥିବା ସ୍ଥାନରେ କେବଳ ସାମାନ୍ୟ ତଥା ସାମୟିକ ଅସହଜତା ଅନୁଭବ ହୋଇଥିଲା। ସେହି ସ୍ଥାନରେ ଚର୍ମର ରଙ୍ଗ ସାମାନ୍ୟ ପରିବର୍ତ୍ତନ ହୋଇଥିଲେ ମଧ୍ୟ, ପ୍ରାୟ 6 ସପ୍ତାହ ମଧ୍ୟରେ ତାହା ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା ଏବଂ କୌଣସି ସ୍ଥାୟୀ କ୍ଷତ ଚିହ୍ନ ରହିନଥିଲା। ଏହି ଚିକିତ୍ସା ପଛରେ ଥିବା ସମ୍ଭାବ୍ୟ ବୈଜ୍ଞାନିକ କାରଣ ହେଉଛି 'ଟ୍ରାଇଜେମିନାଲ୍ ସ୍ନାୟୁ' ମାଧ୍ୟମରେ ଯାଉଥିବା ଯନ୍ତ୍ରଣା ସଙ୍କେତ ବା 'ନୋସିସେପ୍ଟିଭ୍ ସିଗନାଲିଂ'କୁ ନିୟନ୍ତ୍ରିତ କରିବା, ଯାହା ମାଇଗ୍ରେନ୍ ସମସ୍ୟାର ଏକ ମୁଖ୍ୟ ପଥ। ଗବେଷକମାନେ ଅନୁମାନ କରନ୍ତି ଯେ, ନିୟନ୍ତ୍ରିତ ତାପ-ଉଦ୍ଦୀପନା ଅସ୍ଥାୟୀ ଭାବରେ ଯନ୍ତ୍ରଣା ସଙ୍କେତର ପ୍ରବାହକୁ ବ୍ୟାହତ କରେ, ଯାହା ଫଳରେ ମାଇଗ୍ରେନ୍ ବା ଅଧକପାଳି ଯନ୍ତ୍ରଣାରୁ ତୁରନ୍ତ ପ୍ରଶମିତ ହୋଇଥାଏ।

ଏକ ଛୋଟ ପାଇଲଟ୍ ଷ୍ଟଡିରୁ ମିଳିଥିବା ତଥ୍ୟ ଅନୁଯାୟୀ, 'ଅଗ୍ନିକର୍ମ' ସହିତ ଆୟୁର୍ବେଦିକ ଔଷଧୀୟ ଚିକିତ୍ସାର ସମନ୍ୱୟ ମାଇଗ୍ରେନ୍ ଆକ୍ରମଣର ବାରମ୍ବାରତା ଏବଂ ଏହା ସହ ଜଡ଼ିତ ସମ୍ବେଦନଶୀଳତାକୁ ହ୍ରାସ କରିପାରେ। ତେବେ, ଗବେଷକମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ଫଳାଫଳଗୁଡ଼ିକ ପ୍ରାଥମିକ ସ୍ତରରେ ରହିଛି। ଯଦିଓ ଏହା ପ୍ରଚଳିତ ଆଧୁନିକ ଚିକିତ୍ସାର ବିକଳ୍ପ ନୁହେଁ, ତଥାପି ଅଧକପାଳିର ତୀବ୍ର ଯନ୍ତ୍ରଣା ପରିଚାଳନା ପାଇଁ ଅଗ୍ନିକର୍ମ ଏକ ସ୍ୱଳ୍ପ ଖର୍ଚ୍ଚ ଓ ତତ୍କାଳ ପ୍ରଭାବଶାଳୀ ପରିପୂରକ ପନ୍ଥା ହୋଇପାରେ। ଏହାର ସଫଳତା, ନିରାପତ୍ତା ଏବଂ ଅନ୍ତର୍ନିହିତ ବୈଜ୍ଞାନିକ ପ୍ରକ୍ରିୟାକୁ ଅଧିକ ଦୃଢ଼ କରିବା ପାଇଁ ବ୍ୟାପକ ସ୍ତରରେ ନିୟନ୍ତ୍ରିତ ଅଧ୍ୟୟନର ଆବଶ୍ୟକତା ରହିଛି।

ଆଧାର : ବାଲକ୍ରିଷ୍ଣନ୍ ପି, ସୁରେନ୍ଦ୍ରନ୍ ଇଏସ୍, ରାଜ୍ ଏଲଏସ୍। ଅଧକପାଳିର ତୀବ୍ର ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ପାଇଁ ଅଗ୍ନିକର୍ମ ଚିକିତ୍ସା — ଏକ କେସ୍ ରିପୋର୍ଟ। ଜର୍ଣ୍ଣାଲ୍ ଅଫ୍ ଆୟୁର୍ବେଦ ଆଣ୍ଡ ଇଣ୍ଟିଗ୍ରେଟିଭ୍ ମେଡିସିନ୍। 2024 ମେ 1; 15(3): 100953।

ଆଧାର ଲିଙ୍କ୍ : (https://pmc.ncbi.nlm.nih.gov/articles/PMC11282372)

## ସ୍ୱାସ୍ଥ୍ୟ ପ୍ରଣାଳୀ ଗବେଷଣା

### ତାମିଲନାଡୁର ଜନଜାତି ସମୁଦାୟଙ୍କ ମଧ୍ୟରେ ଅଣ-ସଂକ୍ରାମକ ରୋଗର ବଢୁଥିବା ସମସ୍ୟା ଉପରେ ଏକ ବିଶେଷ ଅଧ୍ୟୟନ

ଚେନ୍ନାଇସ୍ଥିତ ଆଞ୍ଚଳିକ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ (RARI) ର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ଅଧ୍ୟୟନରୁ ତାମିଲନାଡୁର ଅନୁସୂଚିତ ଜନଜାତି (ST) ସମୁଦାୟର ସ୍ୱାସ୍ଥ୍ୟଗତ ଆହ୍ୱାନ ସମ୍ବନ୍ଧରେ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଏହି ଅଧ୍ୟୟନ ଅନୁଯାୟୀ, ଆର୍ଥିକ ଅନଗ୍ରସରତା ଏବଂ ପରିବେଶଜନିତ ବିପଦ କାରଣରୁ ଏହି ସମୁଦାୟ ମଧ୍ୟରେ ଅଣ-ସଂକ୍ରାମକ ରୋଗ (NCDs) ର ପ୍ରାଦୁର୍ଭାବ ଦ୍ରୁତ ଗତିରେ ବୃଦ୍ଧି ପାଉଛି।" ଯଦିଓ ତାମିଲନାଡୁର ମୋଟ ଜନସଂଖ୍ୟାରେ ଏହି ସମୁଦାୟର ଭାଗ ମାତ୍ର 1.1% (ପ୍ରାୟ 7.95 ଲକ୍ଷ), ତଥାପି ଗୁଣାତ୍ମକ ଏବଂ ଶସ୍ତା ସ୍ୱାସ୍ଥ୍ୟସେବା ପାଇବା କ୍ଷେତ୍ରରେ ଏମାନେ ଏବେ ମଧ୍ୟ ବହୁ ପଛରେ ରହିଛନ୍ତି। ସାମାଜିକ ତଥା ଆର୍ଥିକ ଅସୁବିଧା ଏବଂ ସୀମିତ ସ୍ୱାସ୍ଥ୍ୟ ସୁବିଧା ଏହି ଜନଜାତିଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଙ୍କଟକୁ ଆହୁରି ଗମ୍ଭୀର କରିଦେଇଛି।

